ବର୍ଷ-୨୬, ସଂଖ୍ୟା-୨୦୨
ଭୁବନେଶ୍ୱର
୨୮, ଜୁଲାଇ ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 202
Bhubaneswar
28 July, 2026, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ନୀଳକନ୍ଦରକୁ ବିଜେ କଲେ ମହାବାହୁ





## ଇ୨୦ ପେଟ୍ରୋଲ୍ ବିବାଦରେ ନୀତିନ ଗଡ଼କରୀଙ୍କୁ ବଡ଼ ଆଶ୍ୱସ୍ତି

ନୂଆଦିଲ୍ଲୀ, ୨୭।୭(ମହାଭାରତ): ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ମାମଲାରେ ବମ୍ବେ ହାଇକୋର୍ଟ କେନ୍ଦ୍ରୀୟ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ଇ-୨୦ ରେ ଅପମିଶ୍ରଣକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ପ୍ରଚାର କରାଯାଉ ଥିବା ଗୁଜବର ଜବାବ ଏବେ ମେଟା, ଗୁଗଲ୍ ଏବଂ ଏକ୍ସ କୋର୍ଟ ରୁମରେ ଦେବେ। ହାଇକୋର୍ଟ ଗଡ଼କରୀଙ୍କୁ ଏହି ସବୁ ପ୍ଲାଟଫର୍ମଗୁଡ଼ିକ ବିରୋଧରେ ମାନହାନି ମାମଲା ଦାୟର କରିବାକୁ ଅନୁମତି ପ୍ରଦାନ କରିଛନ୍ତି।ସୂଚନା ଯେ, କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଇ-୨୦କୁ ନେଇ ତାଙ୍କ ବିରୋଧରେ ପ୍ରସାରିତ ହେଉଥିବା ମିଥ୍ୟା ଖବରକୁ ନେଇ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଥିଲେ। ସେ କୋର୍ଟରେ ଭ୍ରମାତ୍ମକ ତଥ୍ୟକୁ ପ୍ରସାରିତ କରୁଥିବା ଏହି ସୋସିଆଲ୍ ମିଡିଆ ଏବଂ ସର୍ଚ୍ଚ ପ୍ଲାଟଫର୍ମ ଗୁଡ଼ିକ ବିରୋଧରେ ମାନହାନି ମାମଲା ଦାୟର କରିବା ପାଇଁ ଅନୁମତି ମାଗି ଥିଲେ, ଯାହାକୁ କୋର୍ଟ ସ୍ୱୀକାର କରିଛନ୍ତି। ଏବେ ଗଡ଼କରୀ ମେଟା, ଏକ୍ସ (ଟ୍ୱିଟର) ଏବଂ ଗୁଗଲ୍ ସମେତ ଅନ୍ୟ କମ୍ପାନୀଗୁଡ଼ିକ ବିରୋଧରେ ମାନହାନି ମାମଲା ଦାୟର କରିବେ। ହାଇକୋର୍ଟ ଗଡ଼କରୀଙ୍କୁ ଏହି ପ୍ଲାଟଫର୍ମଗୁଡ଼ିକରେ ହୋଇଥିବା କଥିତ ଅପମାନଜନକ ପୋଷ୍ଟ ଏବଂ ଡିପଫେକ୍ କଣ୍ଟେଣ୍ଟକୁ ନେଇ ଦେୱାନୀ (ସିଭିଲ୍) ମାମଲା ଦାୟର କରିବାକୁ ଅନୁମତି

## ନାଇଡୁ କମିଶନ ରିପୋର୍ଟ ଫାଇଲ ଗାଏବ ଘଟଣା: କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୭: କ୍ରାଇମବ୍ରାଞ୍ଚ କରିବ ନାଇଡୁ କମିଶନ ରିପୋର୍ଟ ଫାଇଲ ଗାଏବ ଘଟଣାର ତଦନ୍ତ । ଏହି ବହୁ ଚର୍ଚ୍ଚିତ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଫାଇଲଟି ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ମୃତ୍ୟୁ ମାମଲା ତଦନ୍ତ ସମ୍ପର୍କିତ ଫାଇଲ୍ । ଏହି ଫାଇଲ୍ ହଜିବା ଘଟଣାରେ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଏହି ଘଟଣାର ତଦନ୍ତ କରୁଥିଲା । ମାତ୍ର ଏବେ ମୁଖ୍ୟମନ୍ତ୍ରୀ ଏହାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

# ଜିଲ୍ଲାସ୍ତରରେ ୮୯% ଅଭିଯୋଗର ସମାଧାନ

ଭୁବନେଶ୍ୱର, ୨୭।୭(ମହାଭାରତ): ଆଜି (ସୋମବାର) ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୯ତମ ପାଳିରେ ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡିତ ପ୍ରାୟ ୧୨ ଜଣଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୬.୧୫ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି।ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୬ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତଥିଲେ। ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ୭୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା।

ଶୁଣାଣି ପ୍ରକୋଷ୍ଠ ପରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ପ୍ରଥମରୁ ହିଁ ସାଧାରଣ ଲୋକଙ୍କ ସହିତ ଯୋଡି ହୋଇରହିଛି। ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ଆମେ ସର୍ବାଧିକ ଗୁରୁତ୍ୱ ଦେଇ କାମ କରୁଛନ୍ତି। ତାଙ୍କ ସରକାର ପ୍ରକୃତ ଅର୍ଥରେ ହେଉଛି ସାଧାରଣ ଲୋକଙ୍କ ସରକାର।

ସେ କହିଛନ୍ତି, ପ୍ରତିଟି ଅଭିଯୋଗର ସ୍ଥିତି ଉପରେ ନିୟମିତ ନଜର ରଖାଯାଉଛି। ରାଜ୍ୟସ୍ତର ଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ବ୍ୟବସ୍ଥାର ତଦାରଖ କରାଯାଉଛି। ତେଣୁ, ସମାଧାନର ହାର ବୃଦ୍ଧି ପାଉଛି । ଏହାଦ୍ୱାରା ଏହି ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ଭରସା ବୃଦ୍ଧି ପାଉଛି।



ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ୧୮ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୪,୯୪୧ ଅଭିଯୋଗ ମଧ୍ୟରୁ ୧୪,୩୩୧ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସଫଳ ସମାଧାନ କରାଯାଇସାରିଛି। ଏଥି ସହିତ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲାସ୍ତରରେ ଜୁନ୍ ମାସ ଶେଷ ସୁଦ୍ଧା ୨,୫୯,୨୧୩ ଅଭିଯୋଗ ଶୁଣାଣି ହୋଇ ୮୯ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି।

ଆଜିର ଶିବିରରେ ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ପରଲୋକ

ଭୁବନେଶ୍ୱର, ୨୭।୭: ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ପରଲୋକ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୫୩ ବର୍ଷ ହୋଇଥିଲା ।



ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ ସୁଶାନ୍ତ ସିଂ। ସେ ମୋଟର ନ୍ୟୁରୋନ୍ ଡିଜିଜ୍ ନାମକ ଏକ ସ୍ନାୟୁ ଜନିତ ରୋଗରେ ପୀଡ଼ିତ ଥିଲେ। କୁହାଯାଉଛି, ସେ ସୁସ୍ଥ ହୋଇ ଆସୁଥିଲେ। ତେବେ ଗତକାଲି ଭୁବନେଶ୍ୱର ସ୍ଥିତ ବାସଭବନରେ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅସ୍ୱାଭାବିକତା ପରିଲକ୍ଷିତ ହୋଇଥିଲା। ତେଣୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ରାତି ପ୍ରାୟ ସାଢେ ୧୨ଟାରେ ସୁଶାନ୍ତ ସିଂଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ବରଗଡ଼ ଜିଲ୍ଲା ଭଟ୍ଲିରୁ ସେ ବିଜେଡି ଟିକେଟରେ ୩ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ କ୍ରମାଗତ ୨୦୦୯, ୨୦୧୪ ଓ ୨୦୧୯ରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଜେଡି ସରକାରରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଥିଲେ ସୁଶାନ୍ତ ସିଂ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରି କହିଛନ୍ତି, ବରିଷ୍ଠ ରାଜନେତା ତଥା ଓଡ଼ିଶା ସରକାରରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ଓଁ ଶାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ ଶୋକବାର୍ତ୍ତାରେ କହିଛନ୍ତି, ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ସୁଶାନ୍ତ ସିଂହଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ବିୟୋଗରେ ଦଳ ଜଣେ ଦକ୍ଷ ସଙ୍ଗଠକ ତଥା ଲୋକପ୍ରିୟ ନେତାଙ୍କୁ ହରାଇଲା। ବିଜୁ ଜନତା ଦଳକୁ ମଜଭୁତ କରିବା ସହ ଲୋକଙ୍କ ସେବାରେ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି।

## ଲୋକସଭାରେ ଆଗତ ହେଲା ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଲ୍-୨୦୨୬

ନୂଆଦିଲ୍ଲୀ।୨୭।୭ (ମହାଭାରତ): ଶିକ୍ଷା କ୍ଷେତ୍ରରେ ନୂତନ ସଂସ୍କାର ଆଣିବାକୁ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଉପରେ ଅଙ୍କୁଶ ଲଗାଇବାକୁ କେନ୍ଦ୍ର ସରକାର 'ସାର୍ବଜନୀନ ପରୀକ୍ଷା (ଅନୁପଯୁକ୍ତ ଉପାୟର ନିବାରଣ) ସଂଶୋଧନ ବିଲ୍-୨୦୨୬' ଆଗତ କରିଛନ୍ତି । ମୌସୁମୀ ଅଧିବେଶନର ଦ୍ୱିତୀୟ ସପ୍ତାହର ପ୍ରଥମ ଦିନରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଡାକ୍ତର ଜିତେନ୍ଦ୍ର ସିଂ ଲୋକସଭାରେ ପେପର୍ ଲିକ୍ ନିରୋଧ ବିଲ୍ ଆଗତ କରିଛନ୍ତି । ପରୀକ୍ଷା ସଂସ୍କାରରେ ଆଣିବାକୁ ସରକାର ଏହାକୁ ଉପସ୍ଥାପନ କରିଛନ୍ତି । ଏହା ଆଇନରେ ପରିଣତ ହେବା ପରେ ପେପର୍ ଲିକ୍ ଅଭିଯୋଗରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ହେବ ଶକ୍ତ କାର୍ଯ୍ୟାନୁଷ୍ଠାନ । ପ୍ରଶ୍ନପତ୍ର ଲିକ୍, ସଂଗଠିତ ପରୀକ୍ଷା ଜାଲିଆତି ଓ ପରୀକ୍ଷାରେ ଅନିୟମିତତାକୁ ରୋକିବାକୁ ଏହା ଏକ ଢାଲ ହେବ



ବୋଲି କେନ୍ଦ୍ର ସରକାର ଆଶା ରଖିଛନ୍ତି। ନିଟ୍ ପେପର୍ ଲିକକୁ କେନ୍ଦ୍ର କରି ଦେଶବ୍ୟାପୀ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ ପରେ କେନ୍ଦ୍ର ସରକାର ପେପର୍ ଲିକକୁ ରୋକିବାକୁ ସଂଶୋଧିତ ବିଲ୍ ଆଗତ କରିଛନ୍ତି । ଯଦି କେହି କୌଣସି ପେପର୍ ଲିକ୍ ରେ ଅଭିଯୁକ୍ତ ମିଳନ୍ତି ତେବେ ଦୋଷୀକୁ ଅତିକମରେ ୫ ବର୍ଷ କିମ୍ବା ଅତିବେଶୀରେ ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହିତ ୧୦ କୋଟି ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ ହେବାର ପ୍ରାବଧାନ ରଖାଯାଇଛି । ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ, ସମସ୍ତ ତଦନ୍ତ ଦୁଇ ମାସ ମଧ୍ୟରେ ସମାପ୍ତ କରିବାକୁ ପଡିବ। ବିଲ୍ ରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି । ଏହି କୋର୍ଟଗୁଡ଼ିକ ଚାର୍ଜସିଟ୍ ଦାଖଲ ହେବାର ତିନି ମାସ ମଧ୍ୟରେ ବିଚାର ପ୍ରକ୍ରିୟା ସମାପ୍ତ କରିବେ ।

ସରକାର ବିଲ୍ ଉପରେ ବିସ୍ତୃତ ଆଲୋଚନା କରି ଏହାକୁ ଆଇନରେ ପରିଣତ କରିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ବିରୋଧୀ ଦଳ ନିଜର ହଙ୍ଗାମା ଓ ହଟ୍ଟଗୋଳ ଜାରି ରଖିଛନ୍ତି । ରାଜ୍ୟସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସାଂସଦମାନେ ଆନ୍ଦୋଳନରତ ଛାତ୍ରଙ୍କ ଉପରେ ଲାଠିଚାର୍ଜ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ । କଂଗ୍ରେସ ଉପନେତା ପ୍ରମୋଦ ତିୱାରୀ ଗୃହମନ୍ତ୍ରୀ ଅମିତ ଶାହଙ୍କ ଠାରୁ ଉତ୍ତରଦାୟିତ୍ୱ ଦାବି କରିଥିଲେ । ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା।

## ଶାନ୍ତିପୂର୍ଣ୍ଣ ପ୍ରତିବାଦ ପ୍ରତ୍ୟେକ ନାଗରିକଙ୍କ ଅଧିକାର, ଲାଠିଚାର୍ଜ ଠିକ୍ ନୁହେଁ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭।୭ (ମହାଭାରତ): ନିଟ୍ ପେପର ଲିକ୍ ଏବଂ ଅନ୍ୟାନ୍ୟ ପରୀକ୍ଷା ଅନିୟମିତତା ବିରୋଧରେ ଦେଶବ୍ୟାପୀ ପ୍ରତିବାଦ କରୁଥିବା ଛାତ୍ରମାନଙ୍କ ଉପରେ ପୁଲିସର କାର୍ଯ୍ୟ ସମ୍ପର୍କରେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ କରିଛନ୍ତି। କୋର୍ଟ କହିଛନ୍ତି ଯେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପ୍ରତ୍ୟେକ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଏବଂ ଏହାକୁ କୌଣସି ପରିସ୍ଥିତିରେ ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ। କୋର୍ଟ ମଙ୍ଗଳବାର ଏହି ମାମଲା ସହିତ ଜଡିତ ସମସ୍ତ ଆବେଦନର ଶୁଣାଣି କରିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ, ଯେଉଁଥିରେ ଜଷ୍ଟିସ୍ ଜୟମାଲ୍ୟ ବାଗଚି ଏବଂ ଭି. ମୋହନା ମଧ୍ୟ ସାମିଲ ଅଛନ୍ତି, କହିଛନ୍ତି ଯେ କେବଳ ପ୍ରତିବାଦ ଘଟିବା ଦ୍ୱାରା ପୁଲିସ ଦ୍ୱାରା ଲାଠିଚାର୍ଜ କିମ୍ବା ଅତ୍ୟଧିକ ବଳ ପ୍ରୟୋଗକୁ ଯଥାର୍ଥ କରାଯାଇପାରିବ ନାହିଁ।




ଶୁଣାଣି ସମୟରେ, କିଛି ପୁଲିସ କର୍ମଚାରୀଙ୍କ ପରିବାର ଦ୍ୱାରା ଦାଖଲ ଏକ ଆବେଦନର ମଧ୍ୟ ଉଲ୍ଲେଖ କରାଯାଇଥିଲା। ଏଥିରେ ଅଭିଯୋଗ କରାଯାଇଥିଲା ଯେ ପ୍ରତିବାଦ ସମୟରେ ଅନେକ ପୁଲିସ କର୍ମଚାରୀଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ସୁପ୍ରିମକୋର୍ଟ କହିଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ଗୁରୁତ୍ୱପୂର୍ଣ୍ଣ, ସେମାନେ ପ୍ରତିବାଦକାରୀ ହୁଅନ୍ତୁ କିମ୍ବା ପୁଲିସ କର୍ମଚାରୀ।ସୁପ୍ରିମକୋର୍ଟ କହିଛନ୍ତି ଯେ ସାରା ଦେଶରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପାଇଁ ଏକ ସମାନ ପ୍ରୋଟୋକଲ ରହିବା ଉଚିତ। ପ୍ରତିବାଦ ପାଇଁ ଉପଯୁକ୍ତ ସ୍ଥାନ ନିର୍ଦ୍ଦିଷ୍ଟ କରାଯିବା ଉଚିତ ଏବଂ ଅନାବଶ୍ୟକ କଟକଣା ଲାଗୁ କରାଯିବା ଉଚିତ ନୁହେଁ। ଯଦି ଅସାମାଜିକ ତତ୍ତ୍ୱମାନେ ପ୍ରତିବାଦରେ ଯୋଗ ଦିଅନ୍ତି, ତେବେ ସେମାନଙ୍କ ସହିତ ଭିନ୍ନ ଭାବରେ ମୁକାବିଲା କରାଯାଇପାରିବ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ସମସ୍ତ ପ୍ରତିବାଦକାରୀଙ୍କ ବିରୁଦ୍ଧରେ ବଳ ପ୍ରୟୋଗ କରାଯିବା ଉଚିତ। କୋର୍ଟ କହିଛନ୍ତି ଯେ ଏହା କେବଳ ଦିଲ୍ଲୀର ପ୍ରସଙ୍ଗ ନୁହେଁ; ବରଂ ସାରା ଦେଶରେ ପ୍ରତିବାଦ ପାଇଁ ଏକ ସମାନ ବ୍ୟବସ୍ଥା ଆବଶ୍ୟକ।

ପ୍ରଧାନ ବିଚାରପତି କହିଛନ୍ତି ଯେ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆତ୍ମ-ଶୃଙ୍ଖଳା ଜରୁରୀ। ସେ ସମସ୍ତ ପକ୍ଷଙ୍କୁ ନିରପେକ୍ଷ ଭାବରେ କୋର୍ଟକୁ ସହାୟତା କରିବାକୁ ନିବେଦନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହତା କହିଛନ୍ତି ଯେ ସେ ଏହି ମାମଲାରେ କୋର୍ଟକୁ ନିରପେକ୍ଷ ଭାବରେ ସହାୟତା କରିବେ।

ଦେଶର ବିଭିନ୍ନ ରାଜ୍ୟରେ ଛାତ୍ରମାନେ ନିଟ୍ ପେପର ଲିକ୍ ଏବଂ ଅନ୍ୟାନ୍ୟ ପରୀକ୍ଷା ଅନିୟମିତତା ବିରୋଧରେ ନିରପେକ୍ଷ ଭାବରେ ପ୍ରତିବାଦ କରୁଛନ୍ତି। ଜୁଲାଇ ୨୦ ତାରିଖରେ ଦିଲ୍ଲୀରେ କକରୋଜ୍ ଜନତା ପାର୍ଟିର ନେତୃତ୍ୱରେ ଏକ ଶୋଭାଯାତ୍ରା ପ୍ରଦର୍ଶନକାରୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ସଂଘର୍ଷର କାରଣ ହୋଇଥିଲା। ପ୍ରତିବାଦକାରୀମାନଙ୍କୁ ସଂସଦ ଆଡକୁ ଯିବାରୁ ରୋକିବା ପାଇଁ ପୁଲିସ ଲାଠିଚାର୍ଜ ଏବଂ ଲୁହ ବୁହା ଗ୍ୟାସ ପ୍ରୟୋଗ କରିଥିବା ଅଭିଯୋଗ ହୋଇଛି। ପ୍ରତିବାଦକାରୀମାନେ ତତ୍କାଳୀନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରୁଥିଲେ।

## ଜାତୀୟ ରାଜପଥରେ ୧୯୪ ବ୍ଲାକ ସ୍ପଟ୍

ଭୁବନେଶ୍ୱର, ୨୭।୭ (ମହାଭାରତ): : : ଜାତୀୟ ରାପପଥଗୁଡିକରେ ଚିହ୍ନଟ ହୋଇଥିବା ଦୁର୍ଘଟଣା ପ୍ରବଣ ଅଞ୍ଚଳ (ବ୍ଲାକ ସ୍ପଟ୍) ମଧ୍ୟରୁ ଓଡିଶାରେ ୧୯୪ଟି ରହିଛି । ଏଥି ମଧ୍ୟରୁ ସର୍ବାଧିକ ୨୮ଟି ଖଣି ଖାଦାନ ଭରା ଯାଜପୁର ଜିଲ୍ଲାରେ ଅଛି । ଜାତୀୟ ରାଜପଥରେ ଦୁର୍ଘଟଣା ସଂକ୍ରାନ୍ତରେ ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଭୂପୃଷ୍ଠ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଜୟରାମ ଗଡକରି ।

ମନ୍ତ୍ରୀ ଦର୍ଶାଇଛନ୍ତି ଜାତୀୟ ରାଜପଥଗୁଡିକର କେତେକ ସ୍ଥାନରେ ବାରମ୍ବାର ଦୁର୍ଘଟଣାମାନ ଘଟୁଥିବାରୁ ଏହାକୁ ବ୍ଲାକ କରିଡର ଭାବେ ଚିହ୍ନଟ ହୋଇଛି । କୃତ୍ରିମ ବୁଦ୍ଧିମତା (ଏଆଇ) ଆଧାରିତ ଟୁଲ୍ ବ୍ୟବହାର କରି ଏହାର ଚିହ୍ନଟ ହୋଇଛି । ଏହାବାଦ୍ ୨୦୨୩ ରୁ ୨୦୨୫ ମଧ୍ୟରେ ରାଜପଥଗୁଡିକରେ ଘଟିଥିବା ଦୁର୍ଘଟଣାର ହିସାବକୁ ଏଥିରେ ସାମିଲ କରାଯାଇଛି ।

ଏଥିରୁ ଜଣାଯାଇଛି ଯେ ସମଗ୍ର ଦେଶରେ ୬୩୫୮ଟି ବ୍ଲାକସ୍ପଟ୍ ରହିଥିବାବେଳେ ଓଡିଶାରେ ମୋଟ୍ ୧୯୪ ଟି ବ୍ଲାକ ସ୍ପଟ୍ ଚିହ୍ନଟ ହୋଇଛି । ଏଥିରୁ ସର୍ବାଧିକ ୨୮ଟି ଯାଜପୁର ଜିଲ୍ଲାରେ ରହିଛି । ଏହାଛଡା ଗଞ୍ଜାମରେ ୧୭ଟି, କଟକ ସହରାଞ୍ଚଳ ଓ ପୁରୀରେ ୧୩ଟି କରି ଥିବାବେଳେ ଭୁବନେଶ୍ୱର ସହରାଞ୍ଚଳ ଓ ମୟୁରଭଞ୍ଜରେ ୧୧ଟି କରି, ନୟାଗଡ,ଭଦ୍ରକ ଓ ବ୍ରହ୍ମପୁରରେ ୧୦ଟି କରି ବ୍ଲାକ ସ୍ପଟ୍ ରହିଛି । ବାଲେଶ୍ୱର, ଭଦ୍ରକ, ଦେବଗଡ, ଢେଙ୍କାନାଳ, ଗଞ୍ଜାମ ଓ ଜଗତ୍‌ସିଂହପୁରରେ ଥିବା ଜାତୀୟ ରାଜପଥରେ ଗୋଟିଏ କରି ସ୍ଥାନ ଚିହ୍ନଟ ହୋଇଛି । କେନ୍ଦୁଝର ଜିଲ୍ଲାରେ ଥିବା ରାଜପଥରେ ୭ଟି ବ୍ଲାକ କରିଡର ଚିହ୍ନଟ ହୋଇଛି।

ଏହିସବୁ ଜାତୀୟ ରାଜପଥରେ ଘଟିଥିବା ଦୁର୍ଘଟଣା, ମୃତ୍ୟୁ ଏବଂ ଆହତ ସଂକ୍ରାନ୍ତରେ କେନ୍ଦ୍ର ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି । ଓଡିଶାରେ ୨୦୨୦ ମସିହାରେ ୩୬୭୩ଟି ଦୁର୍ଘଟଣା ଘଟିଥିବାବେଳେ ୨୦୨୪ ମସିହାରେ ତାହା ୪୫୫୫କୁ ବୃଦ୍ଧି ପାଇଛି । ସେହିଭଳି ମୃତ୍ୟୁସଂଖ୍ୟା ଏହି ସମୟରେ ୧୭୮୧ ରୁ ବୃଦ୍ଧି ପାଇ ୨୩୫୮ରେ ପହଞ୍ଚିଛି । ଦୁର୍ଘଟଣାରେ ଆହତମାନଙ୍କ ସଂଖ୍ୟା ୨୦୨୦ ରେ ୩୪୨୧ ଥିବାବେଳେ ୨୦୨୪ର ତାହା ୪୨୫୭ରେ ପହଞ୍ଚିଛି ।

ଜାତୀୟ ରାପପଥଗୁଡିକରେ ବୃଦ୍ଧି ପାଉଥିବା ଦୁର୍ଘଟଣା ଓ ମୃତ୍ୟୁକୁ ଦୃଷ୍ଟିରେ ରଖି ଏହାକୁ ନିୟନ୍ତ୍ରଣ କରିବାପାଇଁ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏଥି ମଧ୍ୟରେ ବିଭିନ୍ନ ସ୍ଥାନରେ ଗାଡି ଚାଳନା ତାଲିମ ଓ ଗବେଷଣା ପ୍ରତିଷ୍ଠାମାନ ପ୍ରତିଷ୍ଠା କରାଯାଉଛି ।

ନିକଟରେ ଏ ସଂକ୍ରାନ୍ତରେ ନିୟମାବଳୀରେ କେତେକ ପରିବର୍ତ୍ତନ ଅଣାଯିବା ସହିତ ଆର୍ଥିକ ସହାୟତାକୁ ବୃଦ୍ଧି କରାଯାଇଛି । ସ୍ୱୟଂକ୍ରିୟ ପରୀକ୍ଷା କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାର ଅନୁଦାନରାଶି ଯୋଗାଇ ଦେଉଛନ୍ତି । ସମସ୍ତ ଜାତୀୟ ରାଜପଥରେ ସଡକ ସୁରକ୍ଷା ଅଡିଟ୍‌କୁ ବାଧ୍ୟତାମୂଳକ କରାଯାଇଛି । ଜାତୀୟ ରାଜପଥର ଡିଜାଇନ୍, ନିର୍ମାଣ, ପରିଚାଳନା ଆଦିର ତୃତୀୟ ପକ୍ଷ ଅଡିଟ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ବଢ଼ିଲା ଅରୁଣ ସାହୁଙ୍କ ଅଡୁଆ

ଭୁବନେଶ୍ୱର, ୨୭।୭: ନୟାଗଡ଼ର ବିଜେଡି ବିଧାୟକ ଅରୁଣ ସାହୁଙ୍କ ପାଇଁ ବଢ଼ିଛି ଅଡୁଆ। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ନିର୍ବାଚନୀ ଅନିୟମିତତା ଅଭିଯୋଗ ସମ୍ପର୍କିତ ମାମଲାରେ ଅରୁଣ ସାହୁଙ୍କ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ଆବେଦନ ଖାରଜ ହୋଇଥିବାରୁ ଏବେ ନିର୍ବାଚନୀ ଅନିୟମିତତା ମାମଲାର ଶୁଣାଣି ହାଇକୋର୍ଟରେ ଜାରି ରହିବ। ହାଇକୋର୍ଟ ପୂର୍ବରୁ ଏହି ମାମଲାକୁ ବିନା ଶୁଣାଣିରେ ଖାରଜ କରିବାକୁ ମନା କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଅରୁଣ ସାହୁ ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ସୁପ୍ରିମକୋର୍ଟରେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡିଛି। ସୁପ୍ରିମକୋର୍ଟ ଅରୁଣ ସାହୁଙ୍କ ଆବେଦନକୁ ଖାରଜ କରିବା ସହ ଆସନ୍ତା ୬ ମାସ ମଧ୍ୟରେ ନିର୍ବାଚନୀ ଅନିୟମିତତା ମାମଲାର ଶୁଣାଣି ଶେଷ କରିବାକୁ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୟାଗଡ଼ ନିର୍ବାଚନମଣ୍ଡଳୀରେ ୨୦୨୪ ନିର୍ବାଚନ ସମୟରେ ଅନିୟମିତତା ହୋଇଥିବା ଅଭିଯୋଗ ନେଇ ଏକ ଆବେଦନ ହାଇକୋର୍ଟରେ ଦାଏର ହୋଇଥିଲା।

## ୫ ବର୍ଷରେ ୯୬୬୦ କଳାକାରଙ୍କୁ ୭୫.୪୩ କୋଟି ଟଙ୍କା ସହାୟତା

ଭୁବନେଶ୍ୱର, ୨୭।୭ (ମହାଭାରତ): : ଗତ ପାଞ୍ଚ ବର୍ଷ ମଧ୍ୟରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ 'କଳା ସଂସ୍କୃତି ବିକାଶ ଯୋଜନା (କେଏସଭିୱାଇ)' ଅନୁସାରେ ଓଡିଶାର ୯୬୬୦ ଜଣ କଳାକାର ଓ କଳା ସଂଗଠନକୁ ମୋଟ୍ ୭୫ କୋଟି ୪୩ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଲୋକସଭାରେ ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏହି ସୂଚନା ଦେଇଛନ୍ତି।୨୦୨୧-୨୨ରେ ୧୧୮୮ ଜଣଙ୍କୁ ୮ କୋଟି ୧୦ ଲକ୍ଷ ଟଙ୍କା, ୨୦୨୨-୨୩ରେ ୧୩୧୬ ଜଣଙ୍କୁ ୧୦ କୋଟି ୩୪ ଲକ୍ଷ ୯୫ ହଜାର ଟଙ୍କା, ୨୦୨୨-୨୩ରେ ୧୩୧୬ ଜଣଙ୍କୁ ୧୦ କୋଟି ୩୪ ଲକ୍ଷ ୯୫ ହଜାର ଟଙ୍କା, ୨୦୨୪-୨୫ରେ ୨୪୦୧ ଜଣଙ୍କୁ ୨୧ କୋଟି ୩୦ ଲକ୍ଷ ୫ ହଜାର ଟଙ୍କା ଓ ୨୦୨୫-୨୬ରେ ୨୮୨୨ ଜଣଙ୍କୁ ୩୩ କୋଟି ୬୮ ଲକ୍ଷ ୬ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି। ତେବେ କେଏସଭିୱାଇ ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ହୋଇଥିବାରୁ ଏହାର ଜିଲ୍ଲାୱାରୀ ତଥ୍ୟ ରଖାଯାଇ ନାହିଁ ବୋଲି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ କହିଛନ୍ତି।

କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଜାତୀୟ ସ୍ତରରେ ସମ୍ବଲପୁରୀ ଏବଂ ପଶ୍ଚିମ ଓଡ଼ିଶାର ଅନ୍ୟାନ୍ୟ ଲୋକ ପରମ୍ପରାର ପ୍ରସାର ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ବର୍ତ୍ତମାନ କୌଣସି ପ୍ରସ୍ତାବ ନାହିଁ।

ୟସାଂସଦ ସିଂହଦେଓଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ କେଏସଭିୱାଇ କଳା ଏବଂ ସଂସ୍କୃତିର ପ୍ରସାର ପାଇଁ ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ହୋଇଥିବାରୁ, ଏହାର କୌଣସି ଜିଲ୍ଲା/ଅଞ୍ଚଳ ଭିତ୍ତିକ ତଥ୍ୟ ଉପଲବ୍ଧ ନାହିଁ। ତଥାପି, ସଂସ୍କୃତି ମନ୍ତ୍ରଣାଳୟ ଗ୍ରାମୀଣ ଏବଂ ଅବହେଳିତ ଗୋଷ୍ଠୀ ସମେତ ସମସ୍ତଙ୍କ ପାଖରେ ଏହାର ଯୋଜନାଗୁଡ଼ିକର ପହଞ୍ଚ ବୃଦ୍ଧି କରିବା ପାଇଁ ନିରନ୍ତର ପ୍ରୟାସ କରିଆସୁଛନ୍ତି।

## କଦଳୀପତ୍ର ସୋରିଷ ପନିର

ଆବଶ୍ୟକ ସାମଗ୍ରୀ: ପନିର, କଦଳୀପତ୍ର, ସୋରିଷ, ଜିରା, ରସୁଣ, ଶୁଖିଲା ଲଙ୍କା ବଟା, ଲେମ୍ବୁ ରସ, ଲୁଣ, ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଜାରରୁ କିଛି ପନିର ଆଣନ୍ତୁ। ତାଙ୍କୁ ଲମ୍ବା ଲମ୍ବା କରି କାଟି ରଖନ୍ତୁ। ପରେ କଦଳୀ ପତ୍ର ଆଣି ତାକୁ ନିଆଁରେ ସେକି ରଖନ୍ତୁ। ତା'ପରେ କରେଇରେ ତେଲ ଗରମ କରନ୍ତୁ୍ୟ ତେଲ ଗରମ ହୋଇଯିବା ପରେ କଟା ପନିରକୁ ଛାଣନ୍ତୁ।ଏହା ଛାଣି ହୋଇଯିବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ।

ଏହା ପରେ ପନିରରେ ସୋରିଷ, ଜିରା, ରସୁଣ, ଶୁଖିଲା ଲଙ୍କା ବଟା, ଲେମ୍ବୁ ରସ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ପରେ ସେକା କଦଳୀ ପତ୍ରରେ ମସଲା ଗୋଳା ପନିରକୁ ଗୋଡ଼ାଇ ରଖନ୍ତ। ତା'ପରେ ତାୱାରେ ଅଳ୍ପ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବାପରେ କଦଳୀପତ୍ର ଗୋଡ଼ା ପନିରକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ତାକୁ ଓଲଟାଇ ଦିଅନ୍ତୁ। ଦୁଇ ପାଖ ହୋଇଯିବା ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କଦଳୀପତ୍ର ସୋରିଷ ପନିର। ଏହାକୁ ଆପଣ ଭାତ ଓ ରୁଟି ସହ ଖାଇପାରିବେ।



**ପରଦା ଖବର**

## ବଟୱାରା ୧୯୪୭ର ପ୍ରଥମ ଗୀତ ମର୍ଯ୍ୟାଦାପୁରୁଷୋତ୍ତମ ପ୍ରଭୁ ଶ୍ରୀ ରାମଙ୍କୁ ଉତ୍ସର୍ଗୀକୃତ



ସନି ଦେଓଲଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ ବଟୱାରା ୧୯୪୭କୁ ଦର୍ଶକମାନେ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି। ଭାରତ ଏବଂ ପାକିସ୍ତାନ ବିଭାଜନର ପୃଷ୍ଠଭୂମିରେ ନିର୍ମିତ ଏହି ଫିଲ୍ମର ମୁକ୍ତିଲାଭକୁ ଆଉ କିଛି ଦିନ ବାକି ଅଛି, କିନ୍ତୁ ନିର୍ମାତାମାନେ ପ୍ରଶଂସକମାନଙ୍କୁ ଗୋଟିଏ ପରେ ଗୋଟିଏ ଆଶ୍ଚର୍ଯ୍ୟଜନକ ଉପହାର ଦେଉଛନ୍ତି।ସମ୍ପ୍ରତି ଫିଲ୍ମର ଦ୍ୱିତୀୟ ଟିଜର ରିଲିଜ୍ କରିବା ପରେ, ନିର୍ମାତା ସନି ଦେଓଲ ଏବଂ ପ୍ରୀତି ଜିଣ୍ଟା ଅଭିନୀତ ଫିଲ୍ମର ପ୍ରଥମ ଗୀତ ରିଲିଜ୍ କରିଛନ୍ତି। ପ୍ରଭୁ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏହି ଗୀତ ଆପଣଙ୍କ ହୃଦୟକୁ ଛୁଇଁବ୍ୟ ଗୀତଟି ନିଶ୍ଚିତ ଭାବରେ ଆପଣଙ୍କ ଆଖିରେ ଲୁହ ଆଣିଦେବ। ଏହି ଗୀତଟି ଜଣେ ମାଆଙ୍କ ପ୍ରେମ, ତାଙ୍କ କରୁଣା ଏବଂ ଭଗବାନଙ୍କ ସହ ତାଙ୍କ ଯନ୍ତ୍ରଣା ବାଣ୍ଟିବାର ଭାବନାକୁ ଗଭୀର ଭାବରେ ପ୍ରକାଶ କରେ। ଗୀତଟିର ଶୀର୍ଷକ କାହାଁ ଚଲେ ଗୟେ ହେ। ରାମ। ଏଥିରେ ବରିଷ୍ଠ ଅଭିନେତ୍ରୀ ଶବାନା ଆଜମୀ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତାଙ୍କ ପ୍ରତିମା ସମ୍ମୁଖରେ ଠିଆ ହୋଇ ହାତ ଯୋଡ଼ି ଲୁହଭର ଆଖିରେ ପ୍ରାର୍ଥନା କରୁଛନ୍ତି।ଗୀତରେ ଶବାନା ଆଜମୀଙ୍କ ସହିତ ପ୍ରୀତି ଜିଣ୍ଟା ଏବଂ ସଣ୍ଣି ଦେଓଲ ମଧ୍ୟ ଭାବପ୍ରବଣ ଢଙ୍ଗରେ ନଜର ଆସିଛନ୍ତି। ଭିଡିଓ ସେୟାର କରି ନିର୍ମାତାମାନେ କ୍ୟାପସନରେ ଲେଖିଛନ୍ତି, ଏକ୍ ମାଁ କି ପୁକାର୍ ... ଯଦି ଆପଣ ଏହି ଗୀତକୁ ଆଖି ବନ୍ଦ କରି ଶୁଣନ୍ତି, ତେବେ ନିଶ୍ଚିତ ଭାବରେ ଆପଣଙ୍କ ଆଖିରୁ ଲୁହ ଝରିଯିବ।ଅନୁରାଧାଙ୍କ ସ୍ୱରର ଯାଦୁ ଏହି ଗୀତଟି ପ୍ରସିଦ୍ଧ ଗାୟିକା ଅନୁରାଧା ପେଡୱାଲ ଗାଇଛନ୍ତି ଏବଂ ଓସ୍କାର ବିଜେତା ଏ.ଆର. ରହମାନଙ୍କ ଦ୍ୱାରା ସ୍ୱରାବଦ୍ଧ। ଜଣାଶୁଣା ଗୀତିକାର ଜାଭେଦ ଅଖତର ଏହାର ଭାବପ୍ରବଣ ଗୀତ ଲେଖିଛନ୍ତି। ଗୀତଟି ଶୁଣିବା ପରେ ପ୍ରଶଂସକମାନେ ମଧ୍ୟ ବହୁତ ଭାବପ୍ରବଣ ହୋଇଯାଇଛନ୍ତି।

## ଫ୍ରିଜରେ ଅଣ୍ଡା ରଖିବା ଭଲ ନା ଖରାପ



ସାଧାରଣତଃ ଅଣ୍ଡାକୁ ଅଧିକ ଦିନ ପର୍ଯ୍ୟନ୍ତ ତାଜା ରଖିବା ପାଇଁ ଆମେ ଏହାକୁ ଫ୍ରିଜରେ ରଖିଥାଉ। ତେବେ କ'ଣ ଆପଣ ଜାଣିଛନ୍ତି, ଫ୍ରିଜରେ ଅଣ୍ଡା ରଖିବା ଦ୍ୱାରା ଏଥିରେ ଥିବା ପ୍ରୋଟିନ୍, କ୍ୟାଲସିୟମ୍ ଓ ଓମେଗା ୩ ଫ୍ୟାଟି ଏସିଡ୍ ପରି ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଇଥାଏ। ଆସନ୍ତୁ ଜାଣିବା କିଛି ଘରକରଣା ଟିପସ୍, ଫ୍ରିଜରେ ଅଣ୍ଡା ରଖିଲେ କେଉଁସବୁ ଅସୁବିଧା ହୋଇଥାଏ।

୧. ଅଣ୍ଡା ଫ୍ରିଜରେ ରଖିବା ଦ୍ୱାରା ସତେଜ ରହିଥାଏ ହେଲେ ଏଥିରେ ଥିବା ପୋଷକତତ୍ତ୍ୱ ଓ ସ୍ୱାଦ ନଷ୍ଟ ହୋଇଯାଇଥାଏ। କେବଳ ଏତିକି ନୁହେଁ, ଫ୍ରିଜରେ ରଖିବା ପରେ ଅଣ୍ଡା ଉପର ଅଂଶରେ ଥିବା ବ୍ୟାକ୍ଟେରିଆଙ୍କ ବୃଦ୍ଧି ଘଟିଥାଏ। ଏହି ବ୍ୟାକ୍ଟେରିଆ ଅଣ୍ଡା ଭିତରକୁ ଯିବାର ଆଶଙ୍କା ମଧ୍ୟ ରହିଥାଏ।

୨. ଯଦି ଆପଣ ଅଣ୍ଡାକୁ ଅଧିକ ଦିନ ପର୍ଯ୍ୟନ୍ତ ରଖିବାକୁ ଚାହୁଁଛନ୍ତି, ତେବେ ଏହାକୁ ନର୍ମାଲ୍ ରୁମ୍ ଟେମ୍ପରେଚରରେ ହିଁ ରଖନ୍ତୁ।

୩. ଅଧିକ ଦିନ ପର୍ଯ୍ୟନ୍ତ ରଖାଯାଇଥିବା ଅଣ୍ଡାକୁ ନଖାଇବା ପାଇଁ ଚେଷ୍ଟା କରନ୍ତୁ। ଆବଶ୍ୟକ ପଡ଼ିଲେ ଅଣ୍ଡାକୁ ସଙ୍ଗେ ସଙ୍ଗେ କିଣି କରି ହିଁ ଖାଆନ୍ତୁ।

୪. ଫ୍ରିଜରେ ରଖାଯାଇଥିବା ଅଣ୍ଡାକୁ ସଙ୍ଗେ ସଙ୍ଗେ ସିଝାଇଲେ, ଫାଟିଯିବାର ସମ୍ଭାବନା ରହିଥାଏ। ମନେରଖନ୍ତୁ, ଯଦି ଆପଣ ଫ୍ରିଜରେ ଅଣ୍ଡା ରଖୁଛନ୍ତି, ତେବେ ଏହାକୁ ବାହାର କରିବା ପରେ କିଛି ସମୟ ପାଇଁ ରୁମ୍ ଟେମ୍ପରେଚରରେ ରଖି ସିଝାନ୍ତୁ। ଦେଖିବେ ଅଣ୍ଡା ଫାଟିବ ନାହିଁ।

୫. ସେହିପରି ଫ୍ରିଜରେ ରଖିଥିବା ଅଣ୍ଡାରେ କେକ୍ ପ୍ରସ୍ତୁତ କଲେ ଏହାର ସ୍ୱାଦ ଓ ରଙ୍ଗରେ ପରିବର୍ତ୍ତନ ଆସିଥାଏ।

## ଶରୀରର ହାଡ଼କୁ ମଜବୁତ କରିବ ୩ଟି ଡ୍ରାଇ ଫ୍ରୁଟ୍

ଜଣେ ଯଦି ଆପଣଙ୍କୁ ପଚାରେ- ଭାଇ ! କେମିତି ଅଛୁ... ? ଆପଣ ହଁ ଭଲ ଅଛି ବୋଲି ଲମ୍ଫେଇକି କୁହନ୍ତ। ଖୁସି କେବେ କେବେ ଉତ୍ସାହିତ ହୋଇ କୁହନ୍ତି ତ ପୁଣି କେତେବେଳେ ଉଦାସ ହୋଇ କୁହନ୍ତି। ମାତ୍ର ମଣିଷ ସେତେବେଳେ ଭଲ ଅଛି ବୋଲି ଭଲରେ କୁହେ ଯେତେବେଳେ ତା ଦେହ ଭଲ ଥାଏ, ସିଏ ସୁସ୍ଥ ରୁହେ। ଶରୀର ଠିକ୍ ଥିଲେ ସବୁକିଛି ଠିକ୍ ଥାଏ ।ତେବେ କେବେକେବେ ଆମ ଶରୀରରେ ମାନ୍ଦାପଣ ମାଡିବସେ, ଗୋଡ ହାତ ଝିମାପଣ ଘାରେ, ହାଡ ଦୁର୍ବଳ ହେବା ପରି ଲାଗେ, ଉଠିଲେ ବସିଲେ ହାଡ ଶବ୍ଦ କରେ ତେବେ ଯଦି ଆପଣ ଏସବୁ ସମସ୍ୟାର ସମ୍ମୁଖୀନ ତେବେ ଏହି ୩ଟି ଡ୍ରାଇ ଫ୍ରୁଟ୍ ଖାଆନ୍ତୁ, ଦେଖିବେ ଦେହରେ ଚମତ୍କାରିତା ଦେଖାଦେବ ।ଶରୀରରେ ଭିଟାମିନ ବି-୧୨ କମିଲେ ଆନିମିଆ ଭଳି ସମସ୍ୟା ଦେଖାଦିଏ । ଦୃଷ୍ଟିଶକ୍ତି କମ୍ ହୁଏ, ପାଚନକ୍ରିୟାରେ ସମସ୍ୟା ହୁଏ, ଗୋଡ-ହାତ ଝିମଝିମ ପଡିବା ଭଳି ସମସ୍ୟା ଦେଖାଦିଏ । ଆଉ ଯଦି ଆପଣ ଜଣେ ସାକାହାରୀ ପ୍ରାଣୀ ତେବେ ଡାଏଟରେ ୩ ପ୍ରକାର ଡ୍ରାଇ ଫ୍ରୁଟ୍ ସାମିଲ କରନ୍ତୁ ।ଶରୀରରେ ଭିଟାମିନ ବି-୧୨ ବଢାଇବା ପାଇଁ ପିସ୍ତା ବହୁତ ଭଲ କାମ କରେ । ଶରୀରରେ ଶକ୍ତି ଏବଂ ଲାଲ୍ ରକ୍ତ କଣିକା ବଢାଇବାର ଏକ ଭଲ ଉତ୍ସ । ଖଜୁରୀ ଶରୀର ପାଇଁ ବହୁତ ଭଲ ହୋଇଥାଏ । ଯଦି ଆପଣ ପ୍ରତିଦିନ ଖଜୁରୀ ଖାଇବା ଆରମ୍ଭ କରୁଛନ୍ତି ତେବେ ଭିଟାମିନ୍ ବି-୧୨ର ଅଭାବକୁ ଦୂର କରିବା ପାଇଁ ଶକ୍ତି ମିଳିବ । ଅଞ୍ଜିରରେ ଫାଇବର, ଆଇରନ, କ୍ୟାଲସିୟମ ଏବଂ ଆଣ୍ଟିଅକ୍ସିଡେଣ୍ଟସ ସହ ଭିଟାମିନ ବି-୧୨ର ମାତ୍ରା ମଧ୍ୟ ଥାଏ ।





## ତମ୍ବା ପାତ୍ରରେ ପାଣି ପିଇଲେ ପାଖ ମାଡିବନି କର୍କଟ





ଚାଲିଛି ଗ୍ରୀଷ୍ମ ଋତୁ। ଦିନକୁ ଦିନ ବଢି ଚାଲିଛି ଖରାର ପ୍ରକୋପ । ଅତ୍ୟଧିକ ଖରା ଯୋଗୁଁ ଯେଉଁ ଗରମ ହେଉଛି ସେଥିରେ ସମସ୍ତେ ଥଣ୍ଡା ଥିବା ପାଣି ପିଇବାକୁ ପସନ୍ଦ କରୁଛନ୍ତି । ସେଥିଲାଗି ଏବେ ଘରେ ଘରେ ଥଣ୍ଡା ପାଣି ପିଇବା ପାଇଁ ପ୍ଲାଷ୍ଟିକ୍ ବୋତଲରେ ପାଣି ଭରି ଫ୍ରିଜରେ ରଖିବା ଆରମ୍ଭ ହୋଇଗଲାଣି । କିନ୍ତୁ ଆପଣ ଜାଣନ୍ତି କି, ପ୍ଲାଷ୍ଟିକ ବୋତଲରେ ପାଣି ପିଇବା ଆମ ଶରୀର ପାଇଁ କେତେ କ୍ଷତିକାରକ । ମାତ୍ର ଆପଣ ଯଦି ତମ୍ବା ପାତ୍ରରେ ପାଣି ରଖି ପିଇବା ତାହାଲେ ତାହା ଦେହ ପାଇଁ ହିତକର । ଅର୍ଥାତ୍ ତମ୍ବାରେ ତିଆରି ପାତ୍ରରେ ରଖାଯାଇଥିବା ପାଣି ଅନେକ ଗୁଣରେ ପରିପୂର୍ଣ୍ଣ ହୋଇଥାଏ । ଏହି ପାତ୍ରରେ ରଖାଯାଇଥିବା ପାଣି ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲ୍ ଏବଂ ଆର୍ଟିଅକ୍ସିଡା□ ଗୁଣରେ ଭରପୂର । ଜାଣନ୍ତୁ ତମ୍ବା ପାତ୍ରରେ ପାଣି ରଖି ପିଇଲେ କଣ ସବୁ ଫାଇଦା ମିଳେ । ହଜମ ପ୍ରକ୍ରିୟା ବଢାଏ- ତମ୍ବା ପାତ୍ରରେ ପାଣି ପିଇବାର ଲାଭ ଅନେକ ଯ ଯାହା ଆମ ହଜମ ଶକ୍ତିକୁ ବଢାଇବାରେ ସାହାଯ୍ୟ କରେ। ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଭାଇରାଲ୍ ଗୁଣ ପାଚନ ତନ୍ତ୍ରରେ ଥିବା ବ୍ୟାକ୍ଟେରିଆ ଏବଂ ଭାଇରସକୁ ମାରିବାରେ ସହାୟକ ହୋଇଥାଏ । ଯାହାଦ୍ୱାରା ପେଟ ସମସ୍ୟା ଦୂର ହୁଏ ଏବଂ ପାଚନକ୍ରିୟା ଠିକ୍ ରୁହେ ।ତମ୍ବା ପାତ୍ରରେ ପାଣି ରଖି ପିଇବା ଦ୍ୱାରା ଶରୀରରେ କୋଲାଜେନର ଉତ୍ପାଦନ ବୃଦ୍ଧି ପାଏ । ଯାହାଦ୍ୱାରା ଚର୍ମରେ କୁଞ୍ଚନ କମିଯାଏ ଏବଂ ଚର୍ମ ଉଜ୍ଜ୍ୱଳ ହୁଏ ଯ ଏହା ସହିତ, ମେଲାନିନର ଉତ୍ପାଦନ ମଧ୍ୟ ବୃଦ୍ଧି କରେ । ଯାହା ଯୋଗୁଁ କେଶର ରଙ୍ଗ ମଧ୍ୟ ଗାଢ କଳା ରହିଥାଏ ଯତମ୍ବା ପାତ୍ରରେ ପାଣି ପିଇବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରୁହେ ଯ ମେଲାନିନର ଉତ୍ପାଦନ ବୃଦ୍ଧି ଆଖି ପାଇଁ ବହୁତ ଲାଭଦାୟକ ଯଯଦି ଆପଣ ନିୟମିତ ଭାବରେ ତମ୍ବା ପାତ୍ରରେ ପାଣି ପିଅନ୍ତି, ତେବେ ଏହା କର୍କଟ ରୋଗର ଆଶଙ୍କା କମ୍ କରିବାରେ ସାହାଯ୍ୟ କରେ ଯତେବେ ତମ୍ବା ପାତ୍ରରେ ପାଣି ଭରି ରଖିବାର ସଠିକ୍ ସମୟ ହେଉଛି ରାତି । ରାତିସାରା ତମ୍ବା ପାତ୍ରରେ ପାଣି ରହିବା ଦ୍ୱାରା ତମ୍ବା ଉପାଦାନଗୁଡ଼ିକ ପାଣିରେ ଦ୍ରବୀଭୂତ ହୋଇଯାଏ ଏବଂ ଏହି ପାଣି ଅଧିକ ସ୍ୱାସ୍ଥ୍ୟକର ହୋଇଥାଏ ।

## ଘରେ ତିଆରି କରନ୍ତୁ ସ୍କର୍ବ

ନିଜ ତ୍ୱଚାକୁ ଚିକ୍କଣ ଏବଂ ସୁନ୍ଦର ରଖିବାକୁ ସମସ୍ତେ ଚାହାଁନ୍ତି। ଏଥିପାଇଁ ମହିଳା ଓ ଯୁବତୀମାନେ ବିଭିନ୍ନ ପ୍ରସାଧନ ସାମଗ୍ରୀ ମଧ୍ୟ ବ୍ୟବହାର କରନ୍ତି। ସେହିଭଳି ଏକ ସୌନ୍ଦର୍ଯ୍ୟ ସାମଗ୍ରୀ ହେଉଛି ସ୍କ୍ରବ୍, ଯାହାକୁ ବ୍ଲାକ୍ ହେଡ୍ସ, ବ୍ରଣ ଆଦି ସମସ୍ୟା ଦୂର କରିବା ଲାଗି ବ୍ୟବହାର କରାଯାଏ । ତେବେ ବଜାରରେ ମିଳୁଥିବା ସ୍କ୍ରବ୍ ତୁଳନାରେ ଯଦି ଘରେ ପ୍ରାକୃତିକ ଉପାୟରେ ଏହାକୁ ପ୍ରସ୍ତୁତ କରାଯାଏ, ତେବେ ଏହା ଅଧିକ ଲାଭଦାୟକ ହୋଇପାରିବ। ଯଦି ଆପଣ ନିଜ ଘରେ ସ୍କ୍ରବ୍ ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି, ତେବେ ଜାଣି ରଖନ୍ତୁ କେତୋଟି ଉପାୟ ।



ହନି-ଅରେଞ୍ଜ୍ ସ୍କ୍ରବ୍: ଦୁଇ ଚାମଚ କମଳା ଚୋପା ପାଉଡର ଏବଂ ଦୁଇ ଚାମଚ ଓଟ୍ ନେଇ ସେଥିରେ ଏକ ଚାମଚ ମହୁ ପକାନ୍ତୁ । ଏଥିରେ ଅଳ୍ପ ପାଣି ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ସଫା ମୁହଁରେ ଏହି ପ୍ୟାକ୍କୁ ଲଗାଇ ହାତରେ ତଳୁ ଉପରକୁ ଗୋଲ ଗୋଲ କରି ମସାଜ କରନ୍ତୁ । ୨ ମିନିଟ୍ ଛାଡ଼ିବା ପରେ ମୁହଁ ଧୋଇଦିଅନ୍ତୁ । ପରେ ମୁହଁରେ ଟୋନର ଏବଂ ମଶ୍ଚରାଇଜର ଲଗାନ୍ତୁ ।

ବାନାନା ସ୍କ୍ରବ୍ : ଦୁଇଟି ପାଚିଲା କଦଳୀକୁ ଭଲ ଭାବେ ପେଷ୍ଟ କରିଦିଅନ୍ତୁ। ଏଥିରେ ଅଳ୍ପ ଚିନି ଏବଂ ଏକ ଚାମଚ ମହୁ ମିଶାଇ ସ୍କ୍ରବ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫ ମିନିଟ୍ ପର୍ଯ୍ୟନ୍ତ ହାଲୁକା ମସାଜ କରନ୍ତୁ ଏବଂ ଥଣ୍ଡ ପାଣିରେ ମୁହଁ ଧୋଇ ଦିଅନ୍ତୁ।

କର୍ଡ-ପପୟା ସ୍କ୍ରବ୍ : ଅଧା କପ୍ ପାଚିଲା ଅମୃତଭଣ୍ଡା ବଟାରେ ଦୁଇ ଚାମଚ ଦହି ମିଶାନ୍ତୁ । ଏଥିରେ ଏକ ଚାମଚ ମହୁ ଏବଂ ତିନି ବୁନ୍ଦା ଲେମ୍ବୁରସ ମିଶାଇ ସ୍କ୍ରବ୍ ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ଏହାକୁ ମୁହଁରେ ଲଗାଇ ଧୀରେ ଧୀରେ ବୃତ୍ତାକାରରେ ଘଷନ୍ତୁ ଏବଂ ୫ ମିନିଟ୍ ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ ।

ଗ୍ରାଉଣ୍ଡ ଓଟ୍ସ-ଟମାଟୋ ସ୍କ୍ରବ୍ : ଏକ ପ୍ଲେଟ୍ରେ କିଛି ଗ୍ରାଉଣ୍ଡ ଓଟ୍ସ ଏବଂ ଅଳ୍ପ ଚିନି ଗୁଣ୍ଡ ନେଇ ଭଲ ଭାବେ ମିଶାଇ ଦିଅନ୍ତୁ । ବର୍ତ୍ତମାନ ଏକ ପାଚିଲା ଟମାଟୋକୁ ଗୋଲ ଗୋଲ କରି କାଟନ୍ତୁ । ଏଥିରେ ପୂର୍ବ ପ୍ରସ୍ତୁତ ମିଶ୍ରଣକୁ ନେଇ ମୁହଁରେ ବୃତ୍ତାକାରରେ ଧୀରେ ଧୀରେ ଘଷନ୍ତୁ । ଏହା ପରେ ବଳକା ଟମାଟୋ କଟାଗୁଡ଼ିକୁ ମୁହଁରେ ଲଗାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ । ଏହା ଦ୍ୱାରା ଟମାଟୋ ଆପଣଙ୍କ ତ୍ୱଚାକୁ ପ୍ରାକୃତିକ ଉପାୟରେ ବ୍ଲିଚ୍ କରିବା ସହ ଓଟ୍ସ ତ୍ୱଚାକୁ ମୁଲାୟମ କରିବାରେ ସାହାଯ୍ୟ କରିଥାଏ ।

# ଇଣ୍ଟିଗ୍ରେଟେଡ୍ ଫରେଷ୍ଟ ମନିଟରିଂ ଓ କମାଣ୍ଡ ସେଣ୍ଟରର ଉଦଘାଟିତ

**ଭୁବନେଶ୍ୱର,୨୬।୭ (ମହାଭାରତ):** ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଂଟିଆ ବୁଧବାର ଅରଣ୍ୟ ଭବନଠାରେ ଇଂଟିଗ୍ରେଟେଡ୍ ଫରେଷ୍ଟ ମନିଟରିଂଓ କମାଣ୍ଡ ସେଂଟର ର ଉଦ୍ଘାଟନ କରିଛନ୍ତି। ଏହି ଅତ୍ୟାଧୁନିକ କେନ୍ଦ୍ର ପ୍ରତିଷ୍ଠା ମାଧ୍ୟମରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରଯୁକ୍ତି-ନିର୍ଭର ବନ ପ୍ରଶାସନ ଏବଂ ନିରନ୍ତର ପ୍ରାକୃତିକ ସମ୍ପଦ ପରିଚାଳନା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ଅତ୍ୟାଧୁନିକ ଡିଜିଟାଲ୍ ପ୍ରଯୁକ୍ତିର ପ୍ରୟୋଗ ବନ ପ୍ରଶାସନକୁ ଅଧିକ ସୁଦୃଢ଼ କରିବା ସହ ସ୍ୱଚ୍ଛତା ବୃଦ୍ଧି କରିବ ଏବଂ ଓଡ଼ିଶାର ବନ ସମ୍ପଦର ସଂରକ୍ଷଣ ଓ ନିରନ୍ତର ପରିଚାଳନା ପାଇଁ ସମୟୋପଯୋଗୀ ନିଷ୍ପତି ଗ୍ରହଣରେ ସହାୟକ ହେବ। ଇଂଟିଗ୍ରେଟେଡ୍ ଫରେଷ୍ଟ ମନିଟରିଂ ଓ କମାଣ୍ଡ ସେଣ୍ଟରକୁ ଏକ କେନ୍ଦ୍ରୀଭୂତ ଡିଜିଟାଲ୍ ପ୍ଲାଟଫର୍ମ ଭାବେ ବିକଶିତ କରାଯାଇଛି, ଯାହା ରିଅଲ୍-ଟାଇମ୍ ନିରୀକ୍ଷଣ ଓ ତଥ୍ୟଭିତିକ ନିଷ୍ପତି ଗ୍ରହଣକୁ ସୁଗମ କରିବ। ଏଥିରେ ବିଭିନ୍ନ ଡିଜିଟାଲ୍ ବ୍ୟବସ୍ଥା ଓ ଜିଓସ୍ପେସିଆଲ୍ ପ୍ରଯୁକ୍ତିର ସମନ୍ୱୟ କରାଯାଇ ବନ ସୁରକ୍ଷା, କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ଓ ପ୍ରଶାସନିକ ସ୍ୱଚ୍ଛତାକୁ ଅଧିକ ସୁଦୃଢ଼ କରାଯିବ। ଏହି ଅବସରରେ ବିଭାଗର ପ୍ରମୁଖ ଡିଜିଟାଲ୍ ପ୍ଲାଟଫର୍ମ ଓଡ଼ିଶା ଫରେଷ୍ଟ ମ୍ୟାନେଜମେଂଟ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ସୂଚନା ପ୍ରଯୁକ୍ତି-ଆଧାରିତ ପଦକ୍ଷେପଗୁଡ଼ିକର ପ୍ରଦର୍ଶନ କରାଯାଇଥିଲା। ଏହି ପ୍ଲାଟଫର୍ମଗୁଡ଼ିକ ମାଧ୍ୟମରେ ବନ ସୁରକ୍ଷା, ବୃକ୍ଷରୋପଣ, ବନାଗ୍ନି ପରିଚାଳନା, ପାଟ୍ରୋଲିଂ,ଆସେଟ୍ ମ୍ୟାନେଜମେଂଟ, ଜିଓସ୍ପେସିଆଲ୍ ମ୍ୟାପିଂ, କ୍ଷତିପୂରକ ବନୀକରଣ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ଏବଂ ନାଗରିକ ସେବାଗୁଡ଼ିକର ଅନଲାଇନ୍ ନିରୀକ୍ଷଣ ଏକୀକୃତ ଡିଜିଟାଲ୍ ବ୍ୟବସ୍ଥା ମାଧ୍ୟମରେ ସମ୍ଭବ ହୋଇପାରୁଛି। ଏହି ପଦକ୍ଷେପ ପରିବେଶ ସଂରକ୍ଷଣ କ୍ଷେତ୍ରରେ ଡିଜିଟାଲ୍ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଓଡ଼ିଶାର ନେତୃତ୍ୱକୁ ଆହୁରି ମଜବୁତ କରିବା ସହ ବନ ବିଭାଗର କାର୍ଯ୍ୟଦକ୍ଷତା, ସମନ୍ୱୟ ଓ ସେବା ପ୍ରଦାନ ବ୍ୟବସ୍ଥାରେ ଉଲ୍ଲେଖନୀୟ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି। ଏହି ଅବସରରେ ମନ୍ତ୍ରୀ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ଓଏଫଏସଡିଏସ.ଓଡ଼ିଶା.ଜିଓଭି.ଇନ୍ ର ନବୀକୃତ ୱେବସାଇଟ୍‌ର ଶୁଭ ଉନ୍ମୋଚନ କରିଥିଲେ। ଏହା ସହିତ ଭାରତରେ ଜାଇକା ସହାୟତାପ୍ରାପ୍ତ ବନୀକରଣ ପ୍ରକଳ୍ପଗୁଡ଼ିକର ୧୪ତମ ଜାତୀୟ କର୍ମଶାଳାର ସ୍ମରଣିକା ଏବଂ ଓଡ଼ିଶା ଫରେଷ୍ଟ୍ରି ସେକ୍ଟର ଡେଭେଲପମେଣ୍ଟ ପ୍ରୋଜେକ୍ଟ (ଦ୍ୱିତୀୟ ପର୍ଯ୍ୟାୟ)ର ବାର୍ଷିକ ରିପୋର୍ଟ (୨୦୨୫-୨୬)କୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। ଏହି ପ୍ରକାଶନଗୁଡ଼ିକରେ ପ୍ରକଳ୍ପର ସଫଳତା, ଉତମ କାର୍ଯ୍ୟପଦ୍ଧତି ଏବଂ ନିରନ୍ତର ବନୀକରଣ ଓ ସାମୁଦାୟିକ ବିକାଶ କ୍ଷେତ୍ରରେ ସହଯୋଗୀ ପ୍ରୟାସଗୁଡ଼ିକ ଉଲ୍ଲେଖ କରାଯାଇଛି। ଉଦଘାଟନୀ ସମାରୋହରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ, ଓଡ଼ିଶା ଡ଼ଃ କେ. ମୁରୁଗେଶନ, ପିସିସିଏଫ୍ (କେଏଲ୍) ଶ୍ରୀମତୀ ଉମା ନନ୍ଦୁରୀ, ଓଏଫ୍ଏସ୍ ?ଡିପିର ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଜି. ରାଜେଶ, ସିଏଫ୍ (ଆଇଟି ଏବଂ ଜିଆଇଏସ୍) ଭି. କାର୍ତ୍ତିକ, ସ୍ୱତନ୍ତ୍ର ଶାସନ ସଚିବ, ସ୍ୱୟଂ ମଲ୍ଲିକ, ନିର୍ଦ୍ଦେଶକ, ପରିବେଶ-ତଥା-ସ୍ୱତନ୍ତ୍ର ଶାସନ ସଚିବ, କେ.ଏସ୍. ପ୍ରଦୀପ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



## କଏଦୀଙ୍କୁ ନଜର ରଖିବ ଏଆଇ କ୍ୟାମେରା



**ଭୁବନେଶ୍ୱର,୨୬।୭ (ମହାଭାରତ):** ରାଜ୍ୟର ଜେଲଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଏଆଇ ଆଧାରିତ କ୍ୟାମେରା ବ୍ୟବହାର ଆରମ୍ଭ ହୋଇଛି। ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ ଜେଲ୍ ଡିଜି ଏହି ସୂଚନା ଦେଇଛନ୍ତି। ଜେଲ୍ ଡିଜିଙ୍କ କହିବା ଅନୁଯାୟୀ, ଏପର୍ଯ୍ୟନ୍ତ ରାଜ୍ୟର ୨୦ଟି ଜେଲରେ ଏଆଇ କ୍ୟାମେରା ସ୍ଥାପିତ ହୋଇସାରିଛି। ଏହି କ୍ୟାମେରାଗୁଡ଼ିକ ଜେଲ୍ ଭିତରେ ଏବଂ ପରିସରରେ କଏଦୀଙ୍କ ଚଳଚଳନକୁ ସତତ ନଜରରେ ରଖିବ। ଏଆଇ ପ୍ରଯୁକ୍ତି ବ୍ୟବହାର ହେବାରୁ ଜେଲରୁ କଏଦୀ ପଳାଇବା ପ୍ରାୟ ଅସମ୍ଭବ ହୋଇପଡ଼ିଛି। କୌଣସି କଏଦୀ ଜେଲ୍ ପାଚେରୀ ପାଖକୁ ଯାଇଲେ ଆଲାରାମ ବାଜିଉଠିବା ବ୍ୟବସ୍ଥା ରହିଛି। ଏହା ସହିତ, ଜେଲ୍ ଭିତରେ ଅନାବଶ୍ୟକ ଭିଡ଼ ହେବା କିମ୍ବା ଗଣ୍ଡଗୋଳ ସୃଷ୍ଟି ହେଲେ ଏଆଇ କ୍ୟାମେରା ମାଧ୍ୟମରେ ତୁରନ୍ତ ଆଲର୍ଟ ମିଳିବାର ବ୍ୟବସ୍ଥା ହୋଇଛି, ଯାହା ନିୟନ୍ତ୍ରଣରେ ସହାୟକ ହେବ। ଅନ୍ୟପଟେ, କଏଦୀମାନଙ୍କ ପୁନର୍ବାସ ଓ ସୁଧାର ପାଇଁ ରାଜ୍ୟର ୭ଟି ସର୍କଲ ଜେଲରେ ଶୀଘ୍ର ମୁକ୍ତାକାଶ ଜେଲ୍ (ଓପେନ ଏୟାର ଜେଲ୍) ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି।

# ଓଜେସି ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର,୨୬।୭ (ମହାଭାରତ):** ଓଡ଼ିଶାରେ ଚାଷୀଙ୍କର ବହୁବିଧ ସମସ୍ୟା ଏବଂ ସାରର କଳାବଜାରୀକୁ ନେଇ ଓଜେସି କୃଷକ ମୋର୍ଚ୍ଚା ସଭାପତି ସଂଗ୍ରାମ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ଓଡ଼ିଶାର ରାଜ୍ୟପାଳଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରିଥିଲେ ।



ଓଜେସି କୃଷକ ସେଲ୍ ପକ୍ଷରୁ ଦାବି କରାଯାଇଛି ଯେ: ସାର ପାଇଁ ସୋସାଇଟିରେ କେବଳ ଜଣେ ମେମ୍ବର କିମ୍ବା ଲୋନି ହୋଇଥିବା ବାଧ୍ୟତାମୂଳକ ନିୟମକୁ ତୁରନ୍ତ ସରଳ କରାଯାଉ ଏବଂ ସବୁ ମଣ୍ଡି ଓ ପାକ୍ସ/ଲାମ୍ପସ୍ ରେ ପର୍ଯ୍ୟାପ୍ତ ସାର ମହଜୁଦ ରଖାଯାଉ।ସାର ଜମାଖୋର ଓ କଳାବଜାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେମାନଙ୍କୁ ତୁରନ୍ତ ଗିରଫ ଓ ଜେଲ୍ ପଠାଯାଉ। ଗ୍ରୋମର ସାର ଦରରେ ବସ୍ତା ପିଛା ଯେଉଁ ୧,୦୦୦ ଟଙ୍କା ବୃଦ୍ଧି କରାଯାଇଛି, ତାହା ସରକାର ନିଜ ଆଡୁ ସବସିଡି ଆକାରରେ ବହନ କରି ଚାଷୀଙ୍କୁ ପ୍ରଦାନ କରନ୍ତୁ। ମହଙ୍ଗା ଏନପିକେ ଭଳି ନୂଆ ସାରର ବାଧ୍ୟତାମୂଳକ ଏକ୍ସପେରିମେଂଟ ତୁରନ୍ତ ବନ୍ଦ କରାଯାଇ ଚାଷୀଙ୍କ ଆର୍ଥିକ ବୋଝ ହ୍ରାସ କରାଯାଉ। ବୀମା ଆକଳନ ପାଇଁ ବ୍ୟକ୍ତିଗତ ଜମିକୁ ୟୁନିଟ୍ ଧରାଯାଉ ଏବଂ ଓଡ଼ିଶାର ସର୍ବାଧିକ ସଂଖ୍ୟକ ଭାଗଚାଷୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ। ଓଡ଼ିଶାର ଅନ୍ନଦାତାଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ରାଜ୍ୟପାଳ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ତୁରନ୍ତ ହସ୍ତକ୍ଷେପ କରି ରାଜ୍ୟ ସରକାରଙ୍କୁ ଦୃଢ଼ ନିର୍ଦ୍ଦେଶ ଦେବାକୁ ଓଜେସି କୃଷକ ସେଲ୍ ପ୍ରତିନିଧିମଣ୍ଡଳୀ ସ୍ମାରକପତ୍ର ମାଧ୍ୟମରେ ବିନମ୍ର ଅନୁରୋଧ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଓଜେସିର ଉପସଭାପତି ପ୍ରଦୀପ ପ୍ରଧାନ, ଓଜେସି ସେବା ସଂଗଠନର ଅଧ୍ୟକ୍ଷ, ମନୋଜ ଜେନା, ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ, ପ୍ରତିଷ୍ଠାତା ସଦସ୍ୟ ତଥା କୃଷକ ନେତା ଦୁର୍ଗାଚରଣ ବାରିକ ଉପସ୍ଥିତ ଥିଲେ ।

# ପୌରସଂସ୍ଥା ଗୁଡ଼ିକର ଆର୍ଥିକ କ୍ଷମତା ବୃଦ୍ଧି

**ଭୁବନେଶ୍ୱର,୨୬।୭ (ମହାଭାରତ):** ସହରାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ସହଜ କରିବା ଏବଂ ପୌରାଞ୍ଚଳ ଗୁଡ଼ିକରେ ଶାସନ ବ୍ୟବସ୍ଥାରେ ସୁଧାର ଆଣିବା ଲକ୍ଷ୍ୟରେ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ସଂସ୍କାର ସ୍ୱରୂପ ପୌରସଂସ୍ଥା ଏବଂ ସ୍ମାର୍ଟ ସିଟି ଲିମିଟେଡ୍‌ଗୁଡ଼ିକର ଆର୍ଥିକ କ୍ଷମତା ପରିସରକୁ ସଂଶୋଧିତ କରିଛନ୍ତି । ନଗର ଉନ୍ନୟନ ବିଭାଗ ଦ୍ୱାରା ବିଜ୍ଞାପିତ ଏହି ସଂଶୋଧିତ ବ୍ୟବସ୍ଥା ତୁରନ୍ତ ଲାଗୁ ହେବ। ଏହି ସଂଶୋଧିତ କ୍ଷମତା ଅନୁଯାୟୀ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଏବଂ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ଏମଡି ମାନଙ୍କ ଆର୍ଥିକ କ୍ଷମତାକୁ ମହାନଗର ନିଗମର କମିଶନରମାନଙ୍କ ସହିତ ସମାନ କରାଯାଇଛି। ମହାନଗର ନିଗମ ପାଇଁ:ବିଲ୍ ମଞ୍ଜୁରୀ:କାର୍ଯ୍ୟ ବିଲ୍, କ୍ରୟ ବିଲ୍ ଏବଂ କାର୍ଯ୍ୟାଳୟର ଆନୁଷଙ୍ଗିକ ଖର୍ଚ୍ଚ ମଞ୍ଜୁର ପାଇଁ କମିଶନରମାନଙ୍କ ଆର୍ଥିକ ସୀମାକୁ ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ସୀମା ଭୁବନେଶ୍ୱର ମହାନଗର ନିଗମ ପାଇଁ ୫୦ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ମହାନଗର ନିଗମ ପାଇଁ ୧୫ ଲକ୍ଷ ଟଙ୍କା ଥିଲା । ୧ କୋଟି ଟଙ୍କାରୁ ଅଧିକ ବିଲ୍‌କୁ ମହାନଗର ନିଗମର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ । ଦରମା ଓ ପେନ୍‌ସନ୍: କମିଶନରମାନଙ୍କୁ ଦରମା ଏବଂ ପେନ୍‌ସନ୍ ବିଲ୍ ପ୍ରଦାନ ପାଇଁ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି।

ପ୍ରଶାସନିକ ଅନୁମୋଦନ: ବିଭିନ୍ନ କାର୍ଯ୍ୟ ଓ ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ଦେବାର ସୀମା ୨ କୋଟି ଟଙ୍କାରୁ ୩ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ୩ କୋଟିରୁ ୪ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ ଚୁକ୍ତିସମ୍ପର୍କିତ ସ୍ଥାୟୀ କମିଟି, ୪ କୋଟିରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ମହାନଗର ନିଗମ ଏବଂ ୫ କୋଟି ଟଙ୍କାରୁ ଅଧିକ ପ୍ରସ୍ତାବ ପାଇଁ ପ୍ରାଶାସନିକ ବିଭାଗ ର ଅନୁମୋଦନ ଆବଶ୍ୟକ ହେବ। ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ନିର୍ବାହୀ ଅଧିକାରୀ ମାନଙ୍କ ପ୍ରଦାନ କ୍ଷମତା ୧୦ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ୨୦ ଲକ୍ଷ ଟଙ୍କାରୁ ଅଧିକ ବିଲ୍ ପାଇଁ ନିର୍ବାହୀ ଅଧିକାରୀ ଏବଂ ପୌର ଅଧ୍ୟକ୍ଷଙ୍କ ଯୁଗ୍ମ ସ୍ୱାକ୍ଷର ଆବଶ୍ୟକ ହେବ । ଦରମା ଓ ପେନ୍‌ସନ୍: ନିର୍ବାହୀ ଅଧିକାରୀମାନଙ୍କୁ ମଧ୍ୟ ଦରମା ଏବଂ ପେନ୍‌ସନ୍ ବିଲ୍ ପ୍ରଦାନ ପାଇଁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇଛି। ପ୍ରକଳ୍ପଗୁଡ଼ିକର ପ୍ରଶାସନିକ ଅନୁମୋଦନ ସୀମା ୧୦ ଲକ୍ଷରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ୨୦ ଲକ୍ଷରୁ ୩ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ ପୌର ପରିଷଦ ଦ୍ୱାରା ଅନୁମୋଦିତ ହେବ ଏବଂ ୩ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ପାଇଁ ପ୍ରାଶାସନିକ ବିଭାଗର ଅନୁମୋଦନ ଆବଶ୍ୟକ ହେବ। ଆର୍ଥିକ କ୍ଷମତାର ଏହି ସଂଶୋଧନ ଦ୍ୱାରା ସ୍ଥାନୀୟ ପୌରସଂସ୍ଥାଗୁଡ଼ିକ ଅଧିକ ଆର୍ଥିକ ସ୍ୱାୟତ୍ତତା ପାଇବା ସହ ସରକାରୀ ପ୍ରକ୍ରିୟାଗତ ବିଳମ୍ବ ହ୍ରାସ ପାଇବ । ଏହା ସହିତ ଓଡ଼ିଶାର ସହରାଞ୍ଚଳଗୁଡ଼ିକରେ ନାଗରିକ ଭିତ୍ତିଭୂମି ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସମୟସୀମା ମଧ୍ୟରେ କାର୍ଯ୍ୟକାରିତା ସୁନିଶ୍ଚିତ ହୋଇପାରିବ ।




# ପ୍ରଶାସନିକ ବିଫଳତା ଓ ସାର କଳାବଜାରୀ ଯୋଗୁଁ ଚାଷୀ ହନ୍ତସନ୍ତ

**ଭୁବନେଶ୍ୱର,୨୬।୭ (ମହାଭାରତ):** ଚଳିତ ଖରିଫ ଚାଷ ଋତୁରେ ସମଗ୍ର ଓଡ଼ିଶାରେ ଦେଖାଦେଇଥିବା ସାରର ଘୋର ଅଭାବ, ବ୍ୟାପକ କଳାବଜାରୀ ଏବଂ ପ୍ରଶାସନିକ ବିଫଳତା ଯୋଗୁଁ ଲକ୍ଷ ଲକ୍ଷ ଚାଷୀ ହନ୍ତସନ୍ତ ହେଉଛନ୍ତି । ସରକାରଙ୍କ ଚାଷୀ ମାରଣ ନୀତି ଯୋଗୁଁ ଚାଷୀ କଲବଲ ହେଉଥିବାରୁ ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ଼ ଅରୁଣ କୁମାର ସାହୁ କହିଥିଲେ ଯେ, ଚଳିତ ଖରିଫ ଋତୁରେ ରାଜ୍ୟକୁ ପ୍ରାୟ ୧୧.୪୩ ଲକ୍ଷ ମେଟ୍ରିକ ଟନ ସାରର ଆବଶ୍ୟକତା ରହିଛି । କିନ୍ତୁ ୧୭ ଜୁଲାଇ ସୁଦ୍ଧା ମାତ୍ର ପ୍ରାୟ ୧.୮୧ ଲକ୍ଷ ମେଟ୍ରିକ ଟନ ସାର ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଗୁଡ଼ିକରେ ପହଞ୍ଚିଛି । ଚାଷୀଙ୍କୁ ପ୍ରାୟ ୧.୧୪ ଲକ୍ଷ ମେଟ୍ରିକ ଟନ ସାର ବଣ୍ଟନ କରାଯାଇଛି । ସମଗ୍ର ଖରିଫ ଋତୁରେ ଆବଶ୍ୟକତାର ମାତ୍ର ୧୦ ପ୍ରତିଶତ ସାର ଯୋଗାଣ ହୋଇଥିବାରୁ ରାଜ୍ୟରେ କୃତ୍ରିମ ସାର ସଙ୍କଟ ସୃଷ୍ଟି ହୋଇଛି । ଧାନ ରୁଆ କାମର ଶୀର୍ଷ ସମୟରେ ସାର ସଙ୍କଟ ଚାଷୀମାନଙ୍କୁ ଚିନ୍ତାରେ ପକାଇ ଦେଇଛି । କେନ୍ଦ୍ରରେ ବିଜେପି ସରକାର ପ୍ରାୟ ୧୨ ବର୍ଷ ଧରି କ୍ଷମତାରେ ଥିବା ସତ୍ତ୍ୱେ ତାଳଚେର ସାର କାରଖାନାରେ ଏପର୍ଯ୍ୟନ୍ତ ସାର ଉତ୍ପାଦନ ହୋଇପାରିଲା ନାହିଁ । ୨୦୧୪ ମସିହାରେ ପ୍ରତି ଏକରରେ ସାର ବାବଦରେ ପ୍ରାୟ ୩,୦୦୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବର୍ତ୍ତମାନ ଏହା ବଢ଼ି ପ୍ରାୟ ୭,୦୦୦ରୁ ୭,୫୦୦ ଟଙ୍କାରେ ପହଞ୍ଚିଛି । ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାର ପ୍ରତିଶ୍ରୁତି ଦେଇଥିବା ଡବଲ ଇଞ୍ଜିନ ସରକାର ଚାଷୀମାନଙ୍କ ଉପରେ ଆର୍ଥିକ ବୋଝକୁ ଦ୍ୱିଗୁଣିତ କରୁଛନ୍ତି ।



ଶ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ, ରାଜ୍ୟରେ ସାରର କୌଣସି ଅଭାବ ନଥିବା ସରକାରଙ୍କ ଦାବି ସମ୍ପୂର୍ଣ୍ଣ ଅମୂଳକ । ବହୁ ଜିଲ୍ଲାରେ ଚାଷୀମାନେ ଗୋଟିଏ ବସ୍ତା ୟୁରିଆ ପାଇଁ ପ୍ୟାକ୍ସ ଓ ସାର ଦୋକାନ ଆଗରେ ସାରା ରାତି ଅପେକ୍ଷା କରି ରହୁଛନ୍ତି । ୟୁରିଆ ଅଭାବକୁ ଲୁଚାଇବା ପାଇଁ ସରକାର କମ୍ପ୍ଲେକ୍ସ ସାର ଓ ବିକଳ୍ପ ସାର ବ୍ୟବହାରକୁ ପ୍ରୋତ୍ସାହନ ଦେବା ଦୁର୍ଭାଗ୍ୟଜନକ । ସରକାର ୟୁରିଆ ଓ ଡିଏପିର ଅଭାବକୁ ସ୍ୱୀକାର କରି ବିକଳ୍ପ ସାର ଚାଷୀଙ୍କୁ ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେବାରୁ ଏହା ସ୍ପଷ୍ଟ ପ୍ରମାଣିତ ଯେ, ଚାଷୀଙ୍କ ସମସ୍ୟା ଦୂର କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ।

ଶ୍ରୀ ସଞ୍ଜୟ ଦାସବର୍ମା କହିଥିଲେ ଯେ, ରାଜ୍ୟରେ ସାରର କୌଣସି ଅଭାବ ନଥିବା ସମବାୟ ମନ୍ତ୍ରୀ ଦାବି କରୁଥିବା ବେଳେ ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ୟୁରିଆ ଓ ଡିଏପିର ଅଭାବକୁ ସ୍ୱୀକାର କରି ଜିଲ୍ଲା ପ୍ରଶାସନକୁ ବିକଳ୍ପ ସାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯାହା ସରକାରଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇଛି । ପ୍ରତ୍ୟେକ ଚାଷୀଙ୍କୁ ମାତ୍ର ଗୋଟିଏ ବସ୍ତା ୟୁରିଆ ଦିଆଯାଉଛି, ଯାହା ସମୁଦ୍ରକୁ ଶଙ୍ଖେ ପରି । କ୍ୟୁଆର କୋଡ୍ ଆଧାରିତ ଡିଜିଟାଲ ବଣ୍ଟନ ବ୍ୟବସ୍ଥା ଯୋଗୁଁ ଅନେକ ଚାଷୀ, ବିଶେଷକରି ମହିଳା ଚାଷୀ, ଭାଗଚାଷୀ ଏବଂ ସ୍ମାର୍ଟଫୋନ କିମ୍ବା ଡିଜିଟାଲ ପେମେଣ୍ଟ ସୁବିଧା ନଥିବା ଚାଷୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି । ଓଡ଼ିଶା ପାଇଁ ଆସୁଥିବା ସାରକୁ ପଡ଼ୋଶୀ ରାଜ୍ୟକୁ ବେଆଇନ ଭାବେ ଚାଲାଣ କରାଯାଉଛି । ସମବାୟ ସମିତିଗୁଡ଼ିକ ଚାଷୀଙ୍କୁ ୟୁରିଆ ସହିତ ବାଧ୍ୟତାମୂଳକ ଭାବେ ନାନୋ ୟୁରିଆ, ଜିଙ୍କ ଓ ଅନ୍ୟାନ୍ୟ ଉତ୍ପାଦ କିଣିବାକୁ ବାଧ୍ୟ କରୁଛନ୍ତି । ଯାହା ଫଳରେ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

### ଭିନ୍ନକ୍ଷମଙ୍କୁ ପରିଚୟ ପତ୍ର ମିଳିବାରେ ହେଉଛି ବିଳମ୍ବ

# ପଡ଼ିରହିଛି ୪୪ ହଜାର ଆବେଦନ

**ଭୁବନେଶ୍ୱର,୨୬।୭ (ମହାଭାରତ):** ଦିବ୍ୟାଙ୍ଗଙ୍କୁ ୟୁନିକ୍ ଡିସେବିଲିଟି ଆଇଡି ବା ୟୁଡିଆଇଡି କାର୍ଡ ପ୍ରଦାନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ହଜାର ହଜାର ଆବେଦନ ମେଡିକାଲ ଟେଷ୍ଟ ଓ ମେଡିକାଲ ବୋର୍ଡର ଅନୁମୋଦନ ଅପେକ୍ଷାରେ ବିଚାରାଧୀନ ରହିଥିବାରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ସମସ୍ତ ଜିଲ୍ଲାରେ ନିୟମିତ ମେଡିକାଲ ବୋର୍ଡ ବସାଇବା, ଦିବ୍ୟାଙ୍ଗତା ନିର୍ଣ୍ଣୟ ପାଇଁ ଆବଶ୍ୟକ ବିଶେଷଜ୍ଞ ଡାକ୍ତରଙ୍କ ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ବକେୟା ଆବେଦନଗୁଡ଼ିକର ପ୍ରାଥମିକତା ଭିତ୍ତିରେ ଶୀଘ୍ର ଫଇସଲା କରି ୟୁଡିଆଇଡି କାର୍ଡ ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗର ସୂଚନା ଅନୁସାରେ, ଓଡ଼ିଶାରେ ୟୁଡିଆଇଡି ପୋର୍ଟାଲରେ ଏପର୍ଯ୍ୟନ୍ତ ୧୩ ଲକ୍ଷ ୩୨ ହଜାର ୪୧୫ଟି ଆବେଦନ ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୯ ଲକ୍ଷ ୭୩ ହଜାର ୩୪୪ ଜଣଙ୍କୁ ୟୁଡିଆଇଡି କାର୍ଡ ମିଳିସାରିଥିବା ବେଳେ ୩ ଲକ୍ଷ ୧୪ ହଜାର ୭୨୧ଟି ଆବେଦନ ବାତିଲ ହୋଇଛି। ତେବେ ଏବେ ମଧ୍ୟ ୪୪ ହଜାର ୩୫୦ଟି ଆବେଦନ ବିଭିନ୍ନ ସ୍ତରରେ ବିଚାରାଧୀନ ରହିଛି। ପ୍ରତ୍ୟେକ ଜିଲ୍ଲାରେ ଏହି ପ୍ରକ୍ରିୟାର ନିୟମିତ ସମୀକ୍ଷା କରି ବିଳମ୍ବ ଦୂର କରିବା ସହ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ ବୋର୍ଡ ଓ ଜିଲ୍ଲା ଦିବ୍ୟାଙ୍ଗ ପୁନର୍ବାସ କେନ୍ଦ୍ର ସହ ସମନ୍ୱୟ ରକ୍ଷା କରି ନିୟମିତ ମୂଲ୍ୟାଙ୍କନ ଶିବିର ଆୟୋଜନ, ଆବେଦନକାରୀଙ୍କୁ ଆବଶ୍ୟକ ପରାମର୍ଶ ଓ ସହଯୋଗ ଯୋଗାଇବା, ଅଭିଯୋଗର ତୁରନ୍ତ ସମାଧାନ କରିବା ଏବଂ ବକେୟା ଆବେଦନର ସ୍ଥିତିର ନିୟମିତ ସମୀକ୍ଷା କରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି।

# ଚାଷୀଙ୍କୁ ସାର ଯୋଗାଇପାରୁନି ଲୋକଙ୍କ ସରକାର

**ଭୁବନେଶ୍ୱର,୨୬।୭ (ମହାଭାରତ):** ଚାଷର ଠିକ୍ ରୁଆ ପୋତା ସମୟରେ ଚାଷୀମାନଙ୍କୁ ସାର ନମିଳିବା ଯୋଗୁଁ ଚାଷୀକୂଳର ସାଂଘାତିକ କ୍ଷତି ହେଉଛି। ଏଭଳି ଏକ ଗୁରୁତର ସମସ୍ୟା ନେଇ ଓଡ଼ିଶା କୃଷକ ଜନତା କଂଗ୍ରେସ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ କୃଷକ ସେଲ୍ ଅଧ୍ୟକ୍ଷ ସଂଗ୍ରାମ କିଶୋର ମାଝୀ ସରକାରଙ୍କୁ କଠୋର ସମାଲୋଚନା କରିଛନ୍ତି। ସେ କହିଥିଲେ ଯେ,ସରକାର ଏବଂ ସୋସାଇଟି, ମନ୍ତ୍ରୀ, କଳାବଜାରୀ ଓ ଅଫିସରମାନଙ୍କ ମଧୁ ଚନ୍ଦ୍ରିକାରେ ଚାଷ ଓ ଚାଷୀଙ୍କ ଅବସ୍ଥା ବିପର୍ଯ୍ୟସ୍ତ। ସାର ପାଇଁ ବରଗଡ଼, ନୟାଗଡ଼, ନବରଙ୍ଗପୁର, କଟକ, କେନ୍ଦ୍ରାପଡ଼ା ସମେତ ପ୍ରାୟ ସବୁ ଜିଲ୍ଲାର ଚାଷୀ ରାତିଅନିଦ୍ରା ହୋଇ ଲାଇନ ଲଗାଉଥିଲେ ବି ସାର ମିଳୁନାହିଁ। ଏ ସରକାର ଚାଷୀର ଦୁଃଖ ଦୁର୍ଦ୍ଦଶାର ମୁଖ୍ୟ ନାୟକ। ୟୁରିଆ ଦର ୫୦କେଜି ବସ୍ତା ପିଛା ୨୬୬ ଟଙ୍କା ଥିବାବେଳେ, ତାହା ଚାଷୀ ୫ଶହରୁ ୬ ଶହ ଟଙ୍କାରେ କିଣୁଛି। ଯେଉଁ ଗ୍ରୋମର ସାର ୫୦ କେଜି ବସ୍ତା ପିଛା ୨୦୨୫ରେ ୧୨୦୦ ଟଙ୍କା ରହିଥିଲା, ଏବର୍ଷ ଦର ୨୧୦୦ରେ ପହଞ୍ଚି ଯାଇଛି। କିନ୍ତୁ ବିଡ଼ମ୍ବନାର ବିଷୟ ଚାଷୀ ୨୭୦୦ରୁ ୨୮୦୦ ଟଙ୍କାରେ କିଣିବାକୁ ବାଧ୍ୟ ହେଉଛି। ୨୦୧୬ ମସିହାରେ ପ୍ରତି ଏକର ଚାଷଜମିରେ ୟୁରିଆ ୨ ବସ୍ତା, ଗ୍ରୋମର ୨ ବସ୍ତା ପିଛା ପ୍ରାୟ ୩୧୫୫ ଟଙ୍କା ଖର୍ଚ୍ଚ ହେଉଥିଲା। ବର୍ତମାନ ୨୦୨୬ରେ ଚାଷୀ ପକେଟରୁ ୭୦୦୦ ଟଙ୍କା ଖର୍ଚ୍ଚ ହେଉଛି। ପୁଣି ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ୫୦କେଜି ସାର ବସ୍ତା ପାଇଁ ଟଙ୍କା ନେଉଛନ୍ତି, ହେଲେ କଳାବଜାରରେ ବସ୍ତା ୪୫କେଜି ଓଜନର ମିଳୁଛି ବୋଲି ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି।



# ୪ ବର୍ଷ ଶିଶୁ ଫୁସଫୁସରୁ ବାହାରିଲା ଏଲଇଡି ଲାଇଟ

**ଭୁବନେଶ୍ୱର,୨୬।୭ (ମହାଭାରତ):** କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ (କିମସ) ଡାକ୍ତରମାନେ ବିନା ଓପନ ସର୍ଜରୀରେ ଅସ୍ତ୍ରୋପଚାର କରି ଜଣେ ଚାରି ବର୍ଷୀୟା ବାଳିକାର ଫୁସଫୁସରେ ଅଟକି ରହିଥିବା ଏକ ଛୋଟ ଧାତବ ଏଲଇଡି ବଲ୍‌ବକୁ ସଫଳତାର ସହିତ ବାହାର କରି ତାଙ୍କୁ ନୂଆ ଜୀବନ ପ୍ରଦାନ କରିଛନ୍ତି। ଏହି ଜଟିଳ ଚିକିତ୍ସା ପ୍ରକ୍ରିୟାରେ କିମସ ଡାକ୍ତରମାନେ ସର୍ବନିମ୍ନ କ୍ଷତ ସୃଷ୍ଟି ହେଉଥିବା ଆଧୁନିକ ପ୍ରଯୁକ୍ତିର ବ୍ୟବହାର କରିଥିଲେ। ଏହା ଫଳରେ ଓପନ ସର୍ଜରୀର ଆବଶ୍ୟକତା ପଡ଼ିନଥିଲା। ଶିଶୁଟି ଏବେ ସୁସ୍ଥ ରହିଛି। ଏହି ସଫଳ ଅସ୍ତ୍ରୋପଚାର କେବଳ କିମ୍‌ସର ଉନ୍ନତ ଶିଶୁ ଚିକିତ୍ସା ଦକ୍ଷତାକୁ ପ୍ରତିଫଳିତ କରିନାହିଁ, ବରଂ ଜଟିଳ ଚିକିତ୍ସା କ୍ଷେତ୍ରରେ ଆଧୁନିକ ଓ ସର୍ବନିମ୍ନ କ୍ଷତ ସୃଷ୍ଟି ହେଉଥିବା ପ୍ରଯୁକ୍ତି କେତେ ସୁରକ୍ଷିତ ଓ ପ୍ରଭାବଶାଳୀ ହୋଇପାରେ, ତାର ଉଦାହରଣ ସୃଷ୍ଟି କରିଛି। ଅସାବଧାନତା ଯୋଗୁଁ ଶିଶୁଟି ଏକ ଏଲଇଡି ବଲବକୁ ନାକରେ ପୂରାଇ ଦେଇଥିଲା। କ୍ରମେ ଏହା ଶ୍ୱାସ ମାର୍ଗ ଦେଇ ଫୁସଫୁସକୁ ଚାଲି ଯାଇଥିଲା। ସାଧାରଣ ପ୍ରଣାଳୀରେ ଅନ୍ୟ ଡାକ୍ତରଖାନାରେ ଏହି ବସ୍ତୁଟିକୁ ବାହାର କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଏହା ସଫଳ ହୋଇନଥିଲା। ଆଠ ଦିନ ଧରି ଶିଶୁଟିର କ୍ରମାଗତ କାଶ ଲାଗି ରହିବାରୁ ତାକୁ କିମସକୁ ଅଣାଯାଇଥିଲା। ଏଠାରେ ଡାକ୍ତରମାନେ ପରୀକ୍ଷା କରି ଏଲଇଡି ବଲ୍‌ବଟି ଫୁସଫୁସରେ ପହଞ୍ଚିଯାଇଥିବା ଜାଣିବାକୁ ପାଇଥିଲେ। ବଲ୍‌ବଟି ଡାହାଣ ଫୁସଫୁସର ନିମ୍ନ ଭାଗରେ ଏକ ସଂକୀର୍ଣ୍ଣ ଶ୍ୱାସ ପଥ ଶାଖାରେ ଅଟକି ଯାଇଥିବା ଜଣାପଡ଼ିଥିଲା। କିମସ କର୍ଣ୍ଣ-ନାସା-ଗଳା ବିଭାଗର ଡାକ୍ତରମାନେ ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରି ସଫଳତାର ସହ ଏଲଇଡି ବଲବକୁ ବାହାର କଲେ। ଅସ୍ତ୍ରୋପଚାରର କିଛି ଘଣ୍ଟା ମଧ୍ୟରେ ଶିଶୁଟି ସୁସ୍ଥ ହେବା ପରେ ସାଧାରଣ ଭାବରେ ଖାଇବାକୁ ସକ୍ଷମ ହୋଇ ପାରିଥିଲା। ପରେ ତାକୁ ହସପିଟାଲରୁ ଡିସଚାର୍ଜ କରାଯାଇଥିଲା। କିମସ କର୍ଣ୍ଣ-ନାସା-ଗଳା ବିଶେଷଜ୍ଞ ଡା ପ୍ରଦୀପ ରଞ୍ଜନ ସାହୁ ଓ ଡା ମନୀଷା ମଲ୍ଲିକ୍, ଆନାସ୍ଥେସିଓଲୋଜି ବିଭାଗର ଡା ବସନ୍ତ କୁମାର ବେହେରା ଓ ରେସପିରେଟୋରି ମେଡ଼ିସିନ ବିଭାଗର ଡା ସ୍ୱଦୀପ ମିଶ୍ରଙ୍କ ମିଳିତ ପ୍ରଚେଷ୍ଟାରେ ଏଭଳି ଜଟିଳ ଅସ୍ତ୍ରୋପଚାର ସଫଳ ହୋଇ ପାରିଛି। ସାଧାରଣତଃ ବୋତାମ, ଖଡ଼ି, କିମ୍ବା ବଲବ ଭଳି ଛୋଟ ବାହ୍ୟ ବସ୍ତୁଗୁଡ଼ିକ ପିଲାମାନେ ଅସାବଧନତା ଯୋଗୁଁ ନାକରେ ପୂରାଇ ଥାଆନ୍ତି। ନିଶ୍ୱାସ ନେବା ସମୟରେ ତାହା ନାକ ଭିତର ଦେଇ ଶ୍ୱାସ ପଥକୁ ଗମ୍ଭୀର କରିଦେଇଥାଏ। ଏହି ବସ୍ତୁଗୁଡ଼ିକ ଫୁସଫୁସରେ ପହଞ୍ଚିବା ପରେ ଏଗୁଡ଼ିକୁ ବାହାର କରିବା ଅତ୍ୟନ୍ତ ଚ୍ୟାଲେଞ୍ଜିଂ ହୋଇଥାଏ ଓ ବେଳେବେଳେ ବଡ଼ ଅସ୍ତ୍ରୋପଚାର ଆବଶ୍ୟକ ହୁଏ।



# ବାୟୁ ପ୍ରଦୂଷଣ ରୋକିବା

ପେଟ୍ରୋଲ, ଡିଜେଲ ଏବଂ କୋଇଲା ଜାଳି ବିଦ୍ୟୁତ ଉତ୍ପାଦନର ବିକଳ୍ପ ହେଲା ଏହି ସବୁ ଶକ୍ତି ଯାହା ଭବିଷ୍ୟତରେ ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ପାଲଟିବ ଆଉ ଫସିଲ ଫୁଏଲ ଉପରେ ଆମକୁ ନିର୍ଭର କରିବାକୁ ପଡ଼ିବନି। ଏହା ସହିତ ପରିବେଶ ପ୍ରଦୂଷଣ ଭଳି ସମସ୍ୟାର ମଧ୍ୟ ସମାଧାନ ହୋଇପାରିବ। ସମ୍ପ୍ରତି ପ୍ରଦୂଷଣ ସମସ୍ୟା ଦେଶରେ ସବୁଠାରୁ ବଡ଼ ଚାଲେଞ୍ଜ ହୋଇଛି। ଦିଲ୍ଲୀଠାରୁ ଆରମ୍ଭ କରି ପଲ୍ଲୀ ପର୍ଯ୍ୟନ୍ତ ସବୁଠି ସମାନ ସ୍ଥିତି। ଓଡ଼ିଶାରେ ବାଲେଶ୍ୱର ଭଳି ସହର ଏହାର ଉଦାହରଣ। ତାଳଚେର, ଭୁବନେଶ୍ୱର, ଅନୁଗୋଳ କଥା ନକହିଲେ ଭଲ। ଏହାର ମୁଖ୍ୟ କାରଣ ହେଲା ଯାନ୍ତ୍ରିକିକରର। ଏଥିଲାଗି ଗ୍ରୀନ ଏନର୍ଜୀ ବ୍ୟବହାରକୁ ପ୍ରାଥମିକତା ଦିଆଯିବା ଉଚିତ। ବିଶ୍ୱ ବଜାରେ ଅଶୋଧିତ ତୈଳର ଦରବୃଦ୍ଧି ଏବଂ କିଛି ତୈଳ ସମୃଦ୍ଧ ରାଷ୍ଟ୍ରର ଏ କ୍ଷେତ୍ରରେ ଏକଚାଟିଆ କାରବାରରେ ବିଶ୍ୱବାସୀ ଅତିଷ୍ଠ ହେଲେଣି। ବାରମ୍ବାର ତୈଳ ଦର ବୃଦ୍ଧି ହେତୁ ଅର୍ଥନୈତିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେଉଛି। ମୁଦ୍ରାସ୍ଫୀତି ବୃଦ୍ଧିର ଏହା ଏକ ପ୍ରମୁଖ କାରଣ। ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ହେତୁ ସବୁ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢୁଛି ଏବଂ ଏହା ଫଳରେ ଲୋକଙ୍କ ଜୀବନ ଧାରଣର ମାନ ହ୍ରାସ ପାଉଛି। ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି। ସେହିପରି ଡିଜେଲର ବ୍ୟାପକ ବ୍ୟବହାର ପଳରେ ବାୟୁ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଉଛି। ଡିଜେଲ ପରିବର୍ତ୍ତେ ସିଏନଜି ବ୍ୟବହାରକୁ ଏବେ ପ୍ରାଥମିକତା ଦିଆଯାଉଛି। ଏହା ବି ନ୍ୟାଚୁରାଲ ଗ୍ୟାସରୁ ଉତ୍ପନ୍ନ ହେଉଛି ଯାହା ସବୁ ଦେଶରେ ଉପଲବ୍ଧ ନୁହେଁ। ଏଥିପାଇଁ ଅନେକ ଦେଶ ନ୍ୟାଚୁରାଲ ଗ୍ୟାସ ଚଢ଼ା ଦରରେ ଆମଦାନୀ କରିବାକୁ ବାଧ୍ୟ ହେଉଛନ୍ତି। ସେହିପରି କୋଇଲା ଆଉ ଏକ ଫସିଲ ଇନ୍ଧନ ଯାହା ଥର୍ମାଲ ପାୱାର ଉତ୍ପାଦନ ନିମନ୍ତେ ଆବଶ୍ୟକ। ଶିଳ୍ପ କ୍ଷେତ୍ରରେ କୋଇଲାର ବ୍ୟବହାର ବଢ଼ି ଚାଲିଛି। ୟୁକ୍ରେନ-ରଷିଆ ଯୁଦ୍ଧ ଆରମ୍ଭ ହେବା ପରେ କୋଇଲା ଦର ମଧ୍ୟ ବଢ଼ିଛି। ଫଳରେ କୋଇଲା ଆମଦାନୀ ବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। କୋଇଲାର ବ୍ୟାପକ ବ୍ୟବହାର ଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ପରିମାଣ ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିରେ ବାୟୁ ପ୍ରଦୂଷଣ ଏଭଳି ଏକ ସ୍ଥିତିରେ ପହଞ୍ଚିଛି ଯେ, ଏହା ଜଳବାୟୁ ପରିବର୍ତ୍ତନର ଏକ ପ୍ରମୁଖ କାରଣ ହୋଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ନାନା ସମସ୍ୟା ସୃଷ୍ଟି ହେଉଛି। ଏହା ପ୍ରାକୃତିକ ବିପର୍ଯ୍ୟୟର ମୁଖ୍ୟ କାରଣ। ଅନିୟମିତ ବର୍ଷା, ଭୟଙ୍କର ଗ୍ରୀଷ୍ମ ପ୍ରବାହ ଏବଂ ବାରମ୍ବାର ଝଡ଼ବାତ୍ୟା ତଥା ମାତ୍ରାଧିକ ବର୍ଷା ହେତୁ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ବିଶ୍ୱ ସ୍ତରରେ ବାୟୁ ପ୍ରଦୂଷଣ ରୋକିବା, ଜଳବାୟୁ ପରବର୍ତ୍ତନ ଜନିତ ସମସ୍ୟାର ସମାଧାନ କରିବା ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ନିୟନ୍ତ୍ରଣ କରିବା ଏକ ପ୍ରକାର ଚାଲେଞ୍ଜରେ ପରିଣତ ହୋଇଯାଇଛି। ବାୟୁ ପ୍ରଦୂଷଣ ରୋକିବା ବା ବାୟୁରେ ଅଙ୍ଗାରକାମ୍ଳ ଗ୍ୟାସ ମାତ୍ରା ହ୍ରାସ କରିବା ଲାଗି ଏବେ ଏକ ପ୍ରକାର ଜନଆନ୍ଦୋଳନ ଆରମ୍ଭ ହୋଇଛି। ଭାରତ ସରକାର ଏଥିପାଇଁ ଏକ ନିଜସ୍ୱ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୦୭୦ ସୁଦ୍ଧା ଜିରୋ କାର୍ବନ ଏମିଶନ ଲାଗି ଭାରତ ଲକ୍ଷ୍ୟ ରଖିଛି। ଏଥିପାଇଁ ଫସିଲ ବ୍ୟବହାରକୁ ହ୍ରାସ କରି ଗ୍ରୀନ ଏନର୍ଜୀ ଉତ୍ପାଦନ ବୃଦ୍ଧି କରିବା ଏକମାତ୍ର ଉପାୟ। ଭାରତରେ ଏଥିଲାଗି ଏବେ ଯୁଦ୍ଧକାଳୀନ ପ୍ରୟାସ ଆରମ୍ଭ ହୋଇଛି। ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ଏଥିଲାଗି ପ୍ରୟାସ ଚାଲିଛି। କୋଟି କୋଟି ଟଙ୍କା ବିନିଯୋଗ ହେଉଛି। ଗ୍ରୀନ ଏନର୍ଜୀ ଉତ୍ପାଦନ ବୃଦ୍ଧି ଲାଗି ସରକାର ମଧ୍ୟ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। ଅବଶ୍ୟ ଏଥିପାଇଁ ଆହୁରି ଅଧିକ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଏବେ ଭାରତରେ କେତେକ ଘରୋଇ କମ୍ପାନୀ ସୋଲାର ଏବଂ ୱିଣ୍ଡ ପାୱାର ପ୍ରକଳ୍ପ ଆରମ୍ଭ କରିଛନ୍ତି।

# ଉତ୍କଳମଣି ବିଚିତ୍ରାନନ୍ଦ ପ୍ରଧାନ

॥ ସୌଭାଗ୍ୟ ରଂଜନ ମହାନ୍ତି ॥

> “ ମହା ମାନବ ମହାତ୍ମାଗାନ୍ଧିଙ୍କ ଡାକରାରେ ଗୋପବନ୍ଧୁ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ଝାସ ଦେଇଥିଲେ। ପରମୂହୂର୍ତ୍ତରେ ତାଙ୍କୁ ଜେଲ ବରଣ କରିବାକୁ ପଡିଥିଲା। ତାଙ୍କର କେତେକ ପୁସ୍ତକ, ଅବକାଶ ଚିନ୍ତା, କାରା କବିତା, ବନ୍ଦୀର ଆତ୍ମକଥା, ଧର୍ମପଦ, ଗୋମାହାତ୍ମ୍ୟ ଓ ନଚିକେତା ଉପଖ୍ୟାନ ପାଠକ ମାନଙ୍କର ମନଛୁଇଁ ପାରିଛି। ତାଙ୍କ କବିତାରେ ବିରତ୍ୱର ପ୍ରେରଣା, ତ୍ୟାଗ ଓ ସ୍ୱଦେଶପ୍ରୀତି ପ୍ରତିଫଳିତ ହୋଇଅଛି। ମଧୁସୂଦନଦାସଙ୍କ ଠାରୁ ପ୍ରେରଣା ପାଇ ଦେଶ ଓ ଜାତିର ସେବା ଉଦ୍ଦେଶ୍ୟରେ ଗୋପବନ୍ଧୁ ନିର୍ବାଚନ ଜିତି ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନସିଲ୍‌ର ସଭ୍ୟ ପଦ ପାଇଥିଲେ।

ଆଜିର ବସ୍ତୁସର୍ବସ୍ୱ ଓ ସ୍ୱାର୍ଥ ସର୍ବସ୍ୱ ସମୟରେ ମନେପଡ଼ିଯାଉଛନ୍ତି ଓଡ଼ିଆ ଜାତିର ମଉଡମଣି ଉତ୍କଳମଣି ଗୋପବନ୍ଧୁ। ପ୍ରତିଟି ଓଡ଼ିଆଙ୍କ ପାଇଁ ତାଙ୍କ ହୃଦୟ କାନ୍ଦୁଥିଲା। ତାଙ୍କର ନିଃସ୍ୱାର୍ଥପର ଓଡ଼ିଆର ପ୍ରିୟ ଭାବନା ସହ ସମସ୍ତଙ୍କ ଦୁଃଖ, ଯନ୍ତ୍ରଣା ଓ କଷ୍ଟ ସମୟରେ ସେ ଛିଡ଼ା ହୋଇ ବଢ଼ାଉଥିଲେ ସାହାଯ୍ୟର ହାତ। ଆଜି ପ୍ରତିଟି ଓଡ଼ିଆ ପ୍ରତିଟି ମୁହୂର୍ତ୍ତରେ ତାଙ୍କୁ ଅତି ସମ୍ମାନର ସହିତ ମନେପକାଉଛନ୍ତି। ସେ ନିଜକୁ ବିଜ୍ଞପିତ କରିବା ପାଇଁ ଚାହୁଁନଥିଲେ। ତାଙ୍କର ପଦପଦବୀ, ସ୍ୱାର୍ଥ, ସମ୍ମାନ, ଗରିମା ବା ବ୍ୟକ୍ତି ଲାଳସା କିଛି ହିଁ ନଥିଲା। ତାଙ୍କର କେବଳ ଥିଲା ଏହି ଜାତି ପ୍ରତି ଦୃଢ଼ ଭଲପାଇବା। ସେ ସମୟରେ ଯେତେବେଳେ ଚାରିଆଡ଼େ ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷର ହା ହାକାର ସବୁଠି ଦୁଃଖ ଭରିଦେଇଥିଲା କିନ୍ତୁ ସେ ସମୟରେ ଉତ୍କଳମଣି ନିଜ ଏକମାତ୍ର ପିଲାର ଜୀବନକୁ ପଛରେ ପକାଇ ଧାଇଁ ଯାଇଥିଲେ ସେବାକାର୍ଯ୍ୟ ପାଇଁ। ତାଙ୍କ ବଳୀଦାନ ପ୍ରାତଃ ସ୍ମରଣୀୟ ଓ ଚିରସ୍ମରଣୀୟ ନିଶ୍ଚୟ। ଆଜିର ସମୟକୁ ଦେଖିଲେ ଆମ ଭିତରେ ଅନେକ ଅଛନ୍ତି ଯେଉଁମାନେ ସେମାନଙ୍କର ବଦାନ୍ୟ କାର୍ଯ୍ୟ ପାଇଁ ନିଜକୁ ପ୍ରଚାର ଓ ପ୍ରସାର ସର୍ବସ୍ୱ ଦିଗରେ ନେଉଛନ୍ତି। ଯଦିଓ ସମସ୍ତେ ସେହି ଚରିତ୍ରର ନୁହଁନ୍ତି କିନ୍ତୁ ଉତ୍କଳମଣି ଗୋପବନ୍ଧୁ ଏହା ଠାରୁ ଥିଲେ ବହୁ ଦୂରରେ। ଓଡ଼ିଶା ଇତିହାସରେ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ହେଉଛି ଏକ ଚିରସ୍ମରଣୀୟ ଦିବସ। ସେହିଦିନ ଉତ୍କଳର ଅନ୍ୟତମ ବରପୁତ୍ର, ସ୍ୱାଧିନତା ସଂଗ୍ରାମୀ ପଣ୍ଡିତ ଗୋପବନ୍ଧୁ ଦାସ ଜନ୍ମ ଗ୍ରହଣ କରିଥିଲେ। ଗୋପବନ୍ଧୁଙ୍କ ପରି ଯୋଗଜନ୍ମା ସନ୍ତାନ ପାଇ ଉତ୍କଳମାତା ଧନ୍ୟ ହୋଇଥିଲା। ତ୍ୟାଗ ଓ ମାନବିକତାର ଏକ ମଣି ସଦୃଶ୍ୟ ଥିଲେ ଉତ୍କଳମଣି ଗୋପବନ୍ଧୁ। ପୁରୀ ଜିଲ୍ଲା ସ୍କୁଲରେ ଗୋପବନ୍ଧୁଙ୍କ ପିତା ଗୋପବନ୍ଧୁଙ୍କୁ ଅଧ୍ୟୟନ ପାଇଁ ରାମଚନ୍ଦ୍ର ଦାସଙ୍କ ଦାୟିତ୍ୱରେ ଛାଡିଥିଲେ। ରାମଚନ୍ଦ୍ର ଦାସ ନିଃସ୍ୱ ଓ ନିରାଶ୍ରୟଙ୍କ ସେବା, ଦେଶଭକ୍ତି ଭଳି ମହତ କାର୍ଯ୍ୟ କରିବାକୁ ଛାତ୍ର ମାନଙ୍କୁ ପ୍ରେରଣା ଦେଉଥିଲେ। ଛାତ୍ରଜୀବନରୁ ଗୋପବନ୍ଧୁ ରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ମନରେ ଦେଶାତ୍ମବୋଧ ବିଶେଷ ଭାବରେ ବଢ଼ିଯାଇଥିଲା ଓ ଦରିଦ୍ର ଅସହାୟ ବ୍ୟକ୍ତିଙ୍କ ପାଇଁ ସେବା କରିବାକୁ ସେ କେବେହେଲେ ପଛେଇ ନଥିଲେ। ଛାତ୍ର ଜୀବନରେ ସେ ପୁରୀରେ ସାଙ୍ଗ ଛାତ୍ରମାନଙ୍କୁ ନେଇ 'ପୁରୀ ସେବା ସମିତି” ଗଠନ କରି ଜନ ସେବା କରିବା ପାଇଁ ଦୃଢ଼ ପ୍ରୟାସ କରିଥିଲେ। ପୁରୀ ସହରରେ ହଇଜା ବ୍ୟାପିଥାଏ। କେତେକ ତୀର୍ଥ ଯାତ୍ରୀ ହଇଜାରେ ମୃତୁବରଣ କରିଥାନ୍ତି। କୁଢ଼ କୁଢ଼ ଶବ ଏଣେତେଣେ ପଡିଥାଏ, ଦୁର୍ଗନ୍ଧରେ ସହର ବଜାର ଫାଟି ପଡୁଥାଏ। ଗୋପବନ୍ଧୁ ସେବା ସମିତି ମାଧ୍ୟମରେ ପଡିଥିବା ଶବ ଗୁଡିକ ସହର ବାହାରକୁ ନେଇ ପୋଡି ଦେଉଥିଲେ ଓ ସହରକୁ ସଂକ୍ରମଣ ମୁକ୍ତ କରିଥିଲେ। ଛାତ୍ର ବୟସରେ ଗୋପବନ୍ଧୁଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ଜନସେବା କରିବାର ପ୍ରୟାସ ସହରର ଲୋକମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। କେବଳ ସେତିକି ନୁହେଁ, କଟକରେ ମଧ୍ୟ ରେଭେନ୍ସା କଲେଜରେ ଅଧ୍ୟୟନ ସମୟରେ 'କର୍ତ୍ତବ୍ୟବୋଧିନୀ' ନାମକ ସମିତି ଗଠନ କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ପ୍ରତି ଅବିଚାର କରିଥିବା ବିରୋଧରେ ଏହି ସମିତି ମାଧ୍ୟମରେ ସଂଗ୍ରାମ କରି ଗୋପବନ୍ଧୁ ଜୟଯୁକ୍ତ ହୋଇଥିଲେ। ଛାତ୍ର ଜୀବନରୁ ଗୋପବନ୍ଧୁଙ୍କ ହୃଦୟରେ ଜନସେବା ଓ ଜାତୀୟତା ଭାବ ଜାଗ୍ରତ ହୋଇଥିଲା, ସେହିଦିନଠାରୁ ସେ ଆଉ ପଛକୁ ଚାହିଁ ନାହାଁନ୍ତି। ଚାଲିଛନ୍ତି ଦେଶ ଓ ଜାତିର ସେବା କରିବା ପାଇଁ ଓ ଅସହାୟଙ୍କ ପାଇଁ ସହାୟତାର ହାତ ବଢ଼ାଇବାର ପ୍ରୟାସ ନେଇ। ୧୯୦୯ ମସିହାରେ ଛୁରିଅନା କୁଞ୍ଜତଳେ ବନବିଦ୍ୟାଳୟ ସ୍ଥାପନ କରି ଗୋପବନ୍ଧୁ ଉତ୍କଳୀୟ ସଂସ୍କୃତିକୁ ଚେତନାଶୀଳ କରାଇଥିଲେ। ନୀଳକଣ୍ଠ, ହରିହର ଗୋଦାବରୀଶ, କୃପାସିନ୍ଧୁ, ଲିଙ୍ଗରାଜ ଓ ଅନନ୍ତ ମିଶ୍ର ଆଦି ଏହି ଅନୁଷ୍ଠାନ ପାଇଁ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ଗୁରୁକୂଳ ଆଶ୍ରମ ପରିବେଶ ମଧ୍ୟରେ ପିଲାମାନଙ୍କୁ ପାଠ ସହ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଥିଲା। ଗୋପବନ୍ଧୁଙ୍କର ଏହିଭଳି ମହତ କାର୍ଯ୍ୟକୁ ଦେଖି ଲୋକେ ପ୍ରଶଂସାରେ ଶତମୁଖର ହୋଇଥିଲେ। ଜାତୀୟତାବାଦର ଏକ ନୂତନଧାରା ସତ୍ୟବାଦୀର ସାଧକ ଗୋଷ୍ଠି ସାହିତ୍ୟ ମାଧ୍ୟମରେ ପ୍ରକାଶକରି ଯେଉଁ ମାନବୀୟ ଆଦର୍ଶବାର୍ତ୍ତା ପ୍ରଚାର କରି ଯାଇଛନ୍ତି ତାହା ସେମାନଙ୍କୁ ଚିରଦିନ ପାଇଁ ବଞ୍ଚାଇ ରଖିଥିବ। ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିବା ସମୟରେ ଗୋପବନ୍ଧୁ ଓଡ଼ିଆ ଭାଷାକୁ ପ୍ରଚାର ଓ ପ୍ରସାର କରିବା ନିମି 'ସତବାଦୀ' ନାମକ ମାସିକ ସାହିତ୍ୟ ପତ୍ରିକା ଓ 'ସମାଜ' ନାମରେ ସାପ୍ତାହିକ ସମ୍ବାଦ ପତ୍ରିକା ପ୍ରକାଶ କରିଥିଲେ। ସମାଜ ସାପ୍ତାହିକ ପତ୍ରିକା ପରବର୍ତ୍ତୀ ସମୟରେ ମାସିକ ପତ୍ରିକା ଭାବେ ସାରା ଓଡ଼ିଶାରେ ଜନାଦୃତ ହୋଇ ସମ୍ବାଦ ସରବରାହ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି। ସମାଜ କାର୍ଯ୍ୟାଳୟ ବନ୍ୟା, ବାତ୍ୟା ସମୟରେ ଦୁର୍ଗତ ଲୋକମାନଙ୍କୁ ଖାଦ୍ୟ ବଣ୍ଟନ କରି, ଅସହାୟମାନଙ୍କୁ ସାହାଯ୍ୟ କରିଥାଏ। ଗୋପବନ୍ଧୁଙ୍କର ଜାତୀୟତାବୋଧ ଥିଲା ଅନ୍ତର୍ମୁଖୀ, ଏଥିରେ ତିଳେମାତ୍ର ସଂକୀର୍ଣ୍ଣତା ଭାବ ନଥିଲା। ତାଙ୍କର ଜାତୀୟ ଚେତନା ଥିଲା ଆକାଶ ପରି ବ୍ୟାପକ। ସେ ଭଲ ଭାବରେ ଜାଣିଥିଲେ, ନିଜସ୍ୱ ପରମ୍ପରା ଓ ସଂସ୍କୃତି ଛାଡି ଜାତୀୟ ଜୀବନ ପରିକଳ୍ପନା କରାଯାଇ ନପାରେ।

ମହା ମାନବ ମହାତ୍ମାଗାନ୍ଧିଙ୍କ ଡାକରାରେ ଗୋପବନ୍ଧୁ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ଝାସ ଦେଇଥିଲେ। ପରମୂହୂର୍ତ୍ତରେ ତାଙ୍କୁ ଜେଲ ବରଣ କରିବାକୁ ପଡିଥିଲା। ତାଙ୍କର କେତେକ ପୁସ୍ତକ, ଅବକାଶ ଚିନ୍ତା, କାରା କବିତା, ବନ୍ଦୀର ଆତ୍ମକଥା, ଧର୍ମପଦ, ଗୋମାହାତ୍ମ୍ୟ ଓ ନଚିକେତା ଉପଖ୍ୟାନ ପାଠକ ମାନଙ୍କର ମନଛୁଇଁ ପାରିଛି। ତାଙ୍କ କବିତାରେ ବିରତ୍ୱର ପ୍ରେରଣା, ତ୍ୟାଗ ଓ ସ୍ୱଦେଶପ୍ରୀତି ପ୍ରତିଫଳିତ ହୋଇଅଛି। ମଧୁସୂଦନଦାସଙ୍କ ଠାରୁ ପ୍ରେରଣା ପାଇ ଦେଶ ଓ ଜାତିର ସେବା ଉଦ୍ଦେଶ୍ୟରେ ଗୋପବନ୍ଧୁ ନିର୍ବାଚନ ଜିତି ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନସିଲ୍‌ର ସଭ୍ୟ ପଦ ପାଇଥିଲେ। ଓଡ଼ିଶାର ବନ୍ୟା ଦୁର୍ଗତଙ୍କ ପାଇଁ ଗୋପବନ୍ଧୁ ସାହାଯ୍ୟ ସଂଗ୍ରହ କରି ନିଃସ୍ୱ ଓ ନିସହାୟ ଲୋକମାନଙ୍କୁ ଦୁର୍ଦ୍ଦିନରେ ସହାୟ ହୋଇଥିଲେ। ଗୋପବନ୍ଧୁ ମନୁଷ୍ୟର ଦୁଃଖ ଦୈନ୍ୟରେ ଲହୁଲୁହାଣ ହୋଇ ଲୁହ ଝରାଉଥିଲେ ଓ ଘାତ ପ୍ରତିଘାତ ସତ୍ତ୍ୱେ ସହାୟତାର ସମସ୍ତ ପ୍ରୟାସ କରୁଥିଲେ। ନିଜର ବ୍ୟକ୍ତିଗତ ଅଭାବ ଅସୁବିଧାକୁ ଅଣଦେଖାକରି, ସେ ନିଃସ୍ୱ ନିସହାୟଙ୍କୁ ବଞ୍ଚିବାର ରାହା ଦେଖାଇଥିଲେ। ଗୋପବନ୍ଧୁ ଭାବୁଥିଲେ ମମତା ଓ ଭାତୃଭାବ ହିଁ ହେଉଛି ଜାତୀୟତାର ମୂଳମନ୍ତ୍ର। ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ଗଣସ୍ୱାର୍ଥରେ ଜାତୀୟତାର ବିକାଶ ହୁଏ। ପଣ୍ଡିତ ଗୋପବନ୍ଧୁ ଦାସ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଭରି ଦେଇଥିଲେ ତ୍ୟାଗ ଓ ଦେଶ ପ୍ରେମର ବାର୍ତ୍ତା। ଦେଶ ଓ ଜାତିର ଉନ୍ନତି ପାଇଁ ସେ ନିଜକୁ ସମର୍ପିତ କରି ଦେଇଥିଲେ। ଦେଶ ଓ ଜାତି ପାଇଁ ଏପରି ଆତ୍ମବଳିଦାନର ପରମ୍ପରା କେବଳ ଗୋପବନ୍ଧୁ ସୃଷ୍ଟି କରି ଯାଇଛନ୍ତି। ସେ ଥିଲେ ଜାତୀୟତାର ଜୀବନ୍ତ ପ୍ରତୀକ। ସମଗ୍ର ବିଶ୍ୱ ସାହିତ୍ୟରେ ଏପରି ଚିନ୍ତାଧାରା ଦେଖିବାକୁ ମିଳେ ନାହିଁ। ବାସ୍ତବରେ ଗୋପବନ୍ଧୁ ଥିଲେ ଜଣେ ଦରଦୀ, ପରପୋକାରୀ, ହୃଦୟବାନ ମଣିଷ। ତାଙ୍କର ତ୍ୟାଗ ଓ ଜାତି ପ୍ରେମ ପାଇଁ ଓଡ଼ିଆ ଜାତି ତାଙ୍କୁ ଚିରଦିନ ପାଇଁ ମନେ ରଖିଥିବ। ଉତ୍କଳମଣିଙ୍କୁ ସ୍ମରଣ କରିବା ପାଇଁ ତାଙ୍କ ଜନ୍ମତିଥି ବା ଶ୍ରାଦ୍ଧ ଦିବସରେ କେବଳ ପୁଷ୍ପମାଲ୍ୟ ଦେଲେ ଚଳିବ ନାହିଁ। ତାଙ୍କ ନିଃସ୍ୱାର୍ଥପର ସେବା ମନୋଭାବ ନିଜ ଜୀବନରେ ବ୍ରତ ଭାବେ ଗ୍ରହଣ କଲେ ଏହା ହେବ ଉତ୍କଳମଣିଙ୍କ ପାଇଁ ଶ୍ରେଷ୍ଠ ଅର୍ଘ୍ୟ ଓ ଶ୍ରେଷ୍ଠ ସମ୍ମାନ।

ସେକ୍ଟର -୯, ସିଡିଏ, କଟକ, ଦୂରଭାଷ : ୯୯୩୭୨୨୪୦୮୫,

# କଳା ଅବତାର, ଅଂଶାବତାର ଓ ରାମାବତାର

॥ ଡା.ଦିଲ୍ଲୀପ କୁମାର ମହାରଣା ॥

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ୍ୟ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ୍ୟ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମିତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମିତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

॥ ସୁଶାନ୍ତ ଭୂୟାଁ ॥

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ୍ୟ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ୍ୟ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।

## ପାରାଦୀପ ରଥଯାତ୍ରା ମହୋତ୍ସବରେ ମନ ମୋହିଲା ସନ୍ଥ ଅରକ୍ଷିତ ଦାସ ଭଜନ ସନ୍ଧ୍ୟା



ପାରାଦୀପ, (ମହାଭାରତ) :ପାରାଦୀପ ବନ୍ଦର ପ୍ରାଧିକରଣ ର ସାଂସ୍କୃତିକ ଅନୁଷ୍ଠାନ 'ଜଗନ୍ନାଥ ଲଳିତ କଳା ସଂସଦ' ଆନୁକୂଲ୍ୟରେ ରଥଯାତ୍ରା ମହୋତ୍ସବ ସଫଳତାର ସହ ଉଦଯାପିତ ହୋଇଯାଇଛି । ଏହି ଅବସରରେ ଜୁଲାଇ ୧୬ ତାରିଖ ରଥଯାତ୍ରା ଠାରୁ ଜୁଲାଇ ୨୬ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୧ ଦିନ ପର୍ଯ୍ୟନ୍ତ ଗୁଣ୍ଡିଚା ଓ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ଅନୁଷ୍ଠାନ ଓ କଳାକାର ମାନଙ୍କ ଦ୍ୱାରା ଆକର୍ଷଣୀୟ ଭଜନ, ଘୋଡାନାଚ, ଆଧାତ୍ମିକ ଛଦ୍ମବେଶ ପ୍ରତିଯୋଗିତା, କବିତା ପାଠୋତ୍ସବ, ଜଗନ୍ନାଥ ଅଷ୍ଟକମ, ପ୍ରବଚନ, ପାଲା, ଦାସକାଠିଆ ଇତ୍ୟାଦି ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ତେବେ ଗତ ୨୬ ତାରିଖ ରବିବାର ସନ୍ଧ୍ୟାରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସନ୍ଥ ଅରକ୍ଷିତ ଦାସ ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ବରିଷ୍ଠ କଳାକାର ମାନଙ୍କ ଦ୍ୱାରା ପୁରାତନ ପାରମ୍ପରିକ ଭଜନ ଓ ଗୀତଗୋବିନ୍ଦ ପରିବେଷଣ ସାଧାରଣରେ ମନ ମୋହିଥିଲା । ଏବଂ ଏହି ଅନୁଷ୍ଠାନର କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟପକ୍ଷରେ ଏପରି ଉଚ୍ଚ ମାନର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଜଗନ୍ନାଥ ଲଳିତ କଳା ସଂସଦ ଅନୁଷ୍ଠାନକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ରାସ୍ତା ନାହିଁ ତ ଭୋଟ ନାହିଁ: ପ୍ରଶାସନର ପ୍ରତିଶ୍ରୁତି ଫାଇଲରେ ସୀମିତ! ଦୁଇ ବର୍ଷ ପରେ ବି ଅଧାରେ ଅଟକିଛି ବିଲାପୁଟ-ଯାନିଗୁଡା ରାସ୍ତା, ଫୁଟୁଛି ଜନଅସନ୍ତୋଷ

ଲକ୍ଷ୍ମୀପୁର (ମହାଭାରତ), ୨୭ ଜୁଲାଇ: ନିର୍ବାଚନ ବେଳେ ଦିଆଯାଇଥିବା ପ୍ରତିଶ୍ରୁତି ଓ ବାସ୍ତବ ଚିତ୍ର ମଧ୍ୟରେ ଥିବା ବିଶାଳ ତଫାତ ପୁଣିଥରେ ସାମ୍ନାକୁ ଆସିଛି । 'ରାସ୍ତା ନାହିଁ ତ ଭୋଟ ନାହିଁ' ସ୍ଲୋଗାନ ଦେଇ ଗତ ଲୋକସଭା ଭୋଟ ବର୍ଜନ କରିଥିଲେ ଶେଷରେ ବ୍ଲକ ପ୍ରଶାସନ ପହଁଚି ଭୋଟ ବର୍ଜନ କରିଥିବା ଲୋକଙ୍କୁ ପ୍ରଶାସନ ତୁରନ୍ତ ରାସ୍ତା ନିର୍ମାଣର ଆଶ୍ୱାସନ ଦେଇଥିଲା । ସେହି ଆଶ୍ୱାସନକୁ ଆଜି ଦୁଇ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ରାସ୍ତାର ବାସ୍ତବ ଚିତ୍ର ବଦଳିନାହିଁ । ଗ୍ରାମବାସୀଙ୍କ ଅଭିଯୋଗ, ପ୍ରତିଶ୍ରୁତି କେବଳ କାଗଜ-କଲମରେ ସୀମିତ ରହିଯାଇଛି । ଗତ କିଛି ଦିନ ଧରି ଏହି ପ୍ରସଙ୍ଗ ସୋସିଆଲ ମିଡିଆରେ ବ୍ୟାପକ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ, ଲକ୍ଷ୍ମୀପୁର ବ୍ଲକର ଉନ୍ନୟନକୁ ନେଇ ପୁଣି ପ୍ରଶ୍ନ ଉଠିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରାୟ ପାଞ୍ଚ ମାସ ପୂର୍ବେ ଆର୍‌ଡି ବିଭାଗ ପକ୍ଷରୁ ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ ଯାନୀଗୁଡା–ବିଲାପୁଟ ରାସ୍ତା କାମର ଶୁଭାରମ୍ଭ କରାଯାଇଥିଲା । ସେତେବେଳେ ବିଭାଗୀୟ ଯନ୍ତ୍ରୀ ଦୁଇ ଦିନ ମଧ୍ୟରେ ପୂର୍ଣ୍ଣଦମରେ କାମ ଆରମ୍ଭ ହେବ ବୋଲି ସାର୍ବଜନୀନ ଭାବେ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କେବଳ ଅଳ୍ପ ପରିମାଣର ମାଟି ପକାଇ କାମକୁ ଅଧାରେ ଛାଡ଼ି ଦିଆଯାଇଛି । ଏହାପରେ ନା ଠିକାଦାରଙ୍କ କୌଣସି ଦେଖାମିଳୁଛି, ନା ବିଭାଗୀୟ ଅଧିକାରୀଙ୍କ ତତ୍ପରତା ଦୃଶ୍ୟମାନ ହେଉଛି । ଫଳରେ ରାସ୍ତା ଆଜିବି କାଦୁଅ, ଖାଲଖମା ଓ ଦୁର୍ଦ୍ଦଶା ମଧ୍ୟରେ ପଡ଼ିରହିଛି । ଏହି ଅବ୍ୟବସ୍ଥାର ସବୁଠାରୁ ବଡ଼ ଶିକାର ସାଧାରଣ ଲୋକ । ସ୍କୁଲ ପିଲାଙ୍କ ଯାତାୟାତ ଠାରୁ ଆରମ୍ଭ କରି ଗର୍ଭବତୀ ମହିଳା, ବୃଦ୍ଧ ଓ ଗୁରୁତର ରୋଗୀଙ୍କ ପାଇଁ ୧୦୮ ଆମ୍ବୁଲାନ୍ସ ସେବା ମଧ୍ୟ ସମୟରେ ପହଞ୍ଚିପାରୁ ନାହିଁ ବୋଲି ସ୍ଥାନୀୟ ଲୋକ ଦାବି କରିଛନ୍ତି । ବର୍ଷା ଦିନରେ ପରିସ୍ଥିତି ଆହୁରି ସଙ୍କଟଜନକ ହୋଇପଡୁଥିବାରୁ ଦୈନନ୍ଦିନ ଜୀବନ ପ୍ରାୟ ଠପ୍ ହୋଇଯାଉଛି । ଗ୍ରାମବାସୀଙ୍କ ସିଧାସଳଖ ପ୍ରଶ୍ନ-ଯୋଜନା ଅନୁମୋଦନ ହୋଇଥିଲେ କାମ କାହିଁକି ବନ୍ଦ? ଶୁଭାରମ୍ଭ ପରେ ନିର୍ମାଣ ଅଧାରେ କାହିଁକି ଅଟକିଗଲା? ପ୍ରଶାସନର ପ୍ରତିଶ୍ରୁତି କେବଳ ନିର୍ବାଚନ ସରିବା ପର୍ଯ୍ୟନ୍ତ ଥିଲା କି? ଏଭଳି ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି ।ଏହି ଘଟଣା କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଭିତରଗୋଡ଼ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଲାପୁଟ-ଯାନିଗୁଡା ରାସ୍ତା ସହ ସମ୍ପର୍କିତ । ଗ୍ରାମବାସୀଙ୍କ ଦାବି, ଉଚ୍ଚସ୍ତରୀୟ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ପ୍ରକଳ୍ପର ବାସ୍ତବ ସ୍ଥିତି ସାର୍ବଜନୀନ କରନ୍ତୁ, ଦାୟୀ ଅଧିକାରୀ ଓ ଠିକାଦାରଙ୍କ ଜବାବଦେହିତା ନିର୍ଦ୍ଧାରଣ କରନ୍ତୁ ଏବଂ ରାସ୍ତା କାମକୁ ଶୀଘ୍ର ସମ୍ପୂର୍ଣ୍ଣ କରନ୍ତୁ । ନଚେତ ଲୋକଙ୍କ ଅସନ୍ତୋଷ ଆଗାମୀ ଦିନରେ ବଡ଼ ଜନଆନ୍ଦୋଳନର ରୂପ ନେଇପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

## ଇନ୍‌ଷ୍ଟିଚୁଟ ଅଫ ଫିଜିକ୍ସ ରେ ବାବା ବାଲୁଙ୍କେଶ୍ୱର ବିକାଶ ପରିଷଦ ପକ୍ଷରୁ ଫଳ ଓ ଔଷଧୀୟ ଚାରା ରୋପଣ କାର୍ଯ୍ୟକ୍ରମ




ପାରାଦୀପ, (ମହାଭାରତ) : ବାହୁଡା ଯାତ୍ରା ଅବସରରେ ଜଗତସିଂହପୁର ଜିଲ୍ଲାର ଜଣାଶୁଣା ପରିବେଶ ପ୍ରେମୀ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ବିଶ୍ୱାଳୀ ତରଫରୁ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ ଫିଜିକ୍ସ ପରିସରରେ ବ୍ୟାପକ ଫଳ ଓ ଓଷଧୀୟ ଚାରାରୋପଣ କରାଯାଇଛି । ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚୁଟର ନିର୍ଦ୍ଦେଶକ ବେଦାଙ୍ଗଦାସ ମହାନ୍ତି, ରେଜିଷ୍ଟର ବିବେକାନନ୍ଦ ପଟନାୟକ,ଗାଡ଼େନ ଇନଚାର୍ଜ ଭଗବାନ ବେହରା ଓ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦର ସମସ୍ତ ସଭ୍ୟ ଉପସ୍ଥିତ ରହି ଅଁଳା, ହରିଡ଼ା, ଆମ୍ବ, ପଣସ, ଲେମ୍ବୁ, ଜାମୁରାଳ ପ୍ରଭୃତି ପନ୍ଦର ପ୍ରକାରର ଫଳ ଓ ଔଷଧିୟ ଚାରାରୋପଣ କରିଥିଲେ । ପ୍ରାରମ୍ଭରେ ନିର୍ଦ୍ଦେଶକ ଶ୍ରୀ ମହାନ୍ତି ଚାରା ରୋପଣ ଓ ତାର ଯତ୍ନ ଉପରେ ଗୁରୁତ୍ୱ ଦେବା ପାଇଁ ସମସ୍ତଙ୍କର ସହଯୋଗ ଲୋଡି ଏଭଳି ପ୍ରୟାସ ଆଗାମୀ ଭବିଷ୍ୟତ ଓ ପିଢ଼ି ପାଇଁ କେତେ ମୂଲ୍ୟବାନ ତାହା ବୁଝାଇଥିଲେ । ରେଜିଷ୍ଟର ଭୁବନେଶ୍ୱର ସହର ପାଇଁ ଏହି ସବୁ ଚାରାରୋପଣ କାର୍ଯ୍ୟକ୍ରମ ବହୁତ ଉପାଦେୟ ବୋଲି ପ୍ରକାଶ କରିବା ସହିତ ଗାର୍ଡେନ ଇନଚାର୍ଜ ଭଗବାନ ବେହେରା ବାବା ବାଲୁଙ୍କେଶ୍ୱର ଅନୁଷ୍ଠାନର ପରିବେଶ ସୁରକ୍ଷା ପାଇଁ ଦୀର୍ଘ ବର୍ଷର ମହତ କାର୍ଯ୍ୟ ନିମନ୍ତେ ସମସ୍ତ ସଭ୍ୟମାନଙ୍କୁ ସାଧୁବାଦ ଓ ପ୍ରଶଂସା କରିଥିଲେ । ଏହି ଚାରାରୋପଣ କାର୍ଯ୍ୟକ୍ରମ ରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ବିଶିଷ୍ଟ ପରିବେଷବିତ ଇଂ.ଅମରେଶ ନରେଶ ସାମନ୍ତ, ବରିଷ୍ଠ ସଭ୍ୟ ଅମୁଲ୍ୟ ଦାସ, ଅଭିଜିତ ପଲେଇ, ସୁମନ ସାହୁ,ଶିବ ପ୍ରସାଦ ସାହୁ,ଦୀପକ ପରିଡା, ପ୍ରଦୀପ ପରିଡା, ତପନ ସ୍ୱାଇ,କାଳନ୍ଦୀ ବାରିକ,ପୂନ୍ୟଶ୍ଳୋକ ସାମନ୍ତ ପ୍ରମୁଖ ଯୋଗ ଦେଇ ଚାରାରୋପଣ କାର୍ଯ୍ୟକ୍ରମରେ ପ୍ରମୁଖ ସହଯୋଗ କରିଥିଲେ । ଆଗାମୀ ଦିନରେ ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ସ୍କୁଲ ଓ କଲେଜ ପରିସରରେ ଫଳ ଓ ଓଷଧୀୟ ଚାରାରୋପଣ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ବୋଲି ଅନୁଷ୍ଠାନର ସଭାପତି ଅଶୋକ ମାଝୀ ଓ ସମ୍ପାଦକ ଦିଲୀପ ପଲେଇ ପ୍ରକାଶ କରିଛନ୍ତି ।

## ରଥଯାତ୍ରା ଅବସରରେ ପାରାଦୀପ ମହିଳା କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ବ୍ୟାପକ ସଫେଇ କାର୍ଯ୍ୟକ୍ରମ




ପାରାଦୀପ, (ମହାଭାରତ) : ପାରାଦୀପରେ ରଥଯାତ୍ରା ମହୋତ୍ସବ ଅବସରରେ ଅଗ୍ରୀମ ମହିଳା ସ୍ୱେଚ୍ଛାସେବୀ ସଂଗଠନ 'ମହିଳା କଲ୍ୟାଣ ଟ୍ରଷ୍ଟ' ପକ୍ଷରୁ ଜୁଲାଇ ୧୭ ତାରିଖ ଠାରୁ ଜୁଲାଇ ୨୬ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୦ ଦିନ ଧରି ସାମୁହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରତିଦିନ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ, ସାଂସ୍କୃତିକ ମଞ୍ଚ ଓ ବଡଦାଣ୍ଡ ସଫେଇ କରିବା ସହିତ ମୁଖ୍ୟ ମନ୍ଦିର ଓ ସିଂହଦ୍ୱାର ସମ୍ମୁଖ ରାସ୍ତା ନିୟମିତ ସଫେଇ କାର୍ଯ୍ୟ କରାଯାଇଥିଲା । ସୁସ୍ଥ ସମାଜ ଓ ସୁସ୍ଥ ଜୀବନ ପାଇଁ ପରିଷ୍କାର ପରିଛନ୍ନ ପରିବେଶର ଆହ୍ୱାନ ଦେଇ ପାରିପାର୍ଶ୍ୱିକ ଅଞ୍ଚଳରେ ସଫେଇ କାର୍ଯ୍ୟ କରାଯାଇଥିଲା । ଏହି ସ୍ୱେଚ୍ଛାକୃତ ସେବା ପାଇଁ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ସମ୍ପାଦକ ତଥା ପରିଚାଳନା ନ୍ୟାସୀ ରବୀନ୍ଦ୍ର କୁମାର ଦାସ ଉଚ୍ଚ ପ୍ରଶଂସା କରିବା ସହିତ ମହିଳା କଲ୍ୟାଣ ଟ୍ରଷ୍ଟର ଉନ୍ନତି କାମନା କରିଥିଲେ । ଏହି ମହତ ସେବା ପାଇଁ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ମହିଳା କଲ୍ୟାଣ ଟ୍ରଷ୍ଟକୁ ସମ୍ବର୍ଦ୍ଧିତ କରାଯାଇଛି । ପାରାଦୀପ ବନ୍ଦର ସାଂସ୍କୃତିକ ଶାଖା ଜଗନ୍ନାଥ ଲଳିତ କଳା ସଂସଦ ସମ୍ପାଦକ ପ୍ରଶାନ୍ତ କୁମାର ମହାରଣା, ମଞ୍ଚ ସଂଚାଳକ ହେମନ୍ତ କୁମାର ମାଝୀ ଓ ନିରଞ୍ଜନ ଗହଣ ଉପସ୍ଥିତ ରହି ପବିତ୍ର ବାହୁଡ଼ା ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ । ଟ୍ରଷ୍ଟର ସଭାପତି ଉର୍ମିଳା ମହାନ୍ତିଙ୍କ ତତ୍ୱାବଧାନରେ କାର୍ଯ୍ୟକାରୀ ସଭାନେତ୍ରୀ ସଂଘମିତ୍ରା ସ୍ୱାଇଁ ,ଉପ ସଭାନେତ୍ରୀ ତୁଳସୀ ବରାଳ, ସମ୍ପାଦିକା ନିଳିମା ପ୍ରିୟଦର୍ଶିନୀ, ସହ ସମ୍ପାଦିକା ବାସୁକା ମଲ୍ଲିକ,କୋଷାଧକ୍ଷା କୌଶଲ୍ୟା ମହାନ୍ତି, କାର୍ଯ୍ୟକାରୀ କମିଟି ସଭାନେତ୍ରୀ ପ୍ରେମ ଲତା ବାରିକ, ନମିତା ରାଉତ, ପୁଷ୍ପାଞ୍ଜଳି ମିଶ୍ର, କଳ୍ପନା ବେହେରା, ଟୁନି ଖୋଜି, ଅନ୍ନପୂର୍ଣ୍ଣା ନାୟକ, ଟୁନି ଛାଟୋଇ, ଲକ୍ଷ୍ମୀ ପ୍ରିୟା ବାରିକ, ସୁଚରିତା ପଣ୍ଡା,ସାବିତ୍ରୀ ପଣ୍ଡା, ବାସନ୍ତୀ ମୁଦୁଲି, ପ୍ରତିମା ସାହୁ ,ସରସ୍ୱତୀ ବାରିକ ପ୍ରମୁଖ ପ୍ରତିଦିନ ପ୍ରାତଃ ସମୟରେ ସମୂହ ସଫେଇ କାର୍ଯ୍ୟ କରିଥିଲେ । ମହିଳା କଲ୍ୟାଣ ଟ୍ରଷ୍ଟର ସେବା କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଭାରତୀୟ କୋଷ୍ଟ ଗାର୍ଡ ଅଧିକାରୀ ବିନୋଦ କୁମାର ପ୍ରତିଦିନ ସେବା କାର୍ଯ୍ୟ କରି ଥିଲେ ଏଥିପାଇଁ ଟ୍ରଷ୍ଟ ପକ୍ଷରୁ ବିନୋଦ କୁମାର ଙ୍କୁ ଅଶେଷ ଶୁଭେଚ୍ଛା ଓ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

## ବର୍ଷା ହେଲେ ଜଳମଗ୍ନ ୩୨୬ ନଂ ଜାତୀୟ ରାଜପଥ: ଆଣ୍ଠୁଏ ପାଣିରେ ବିପଦପୂର୍ଣ୍ଣ ଯାତାୟତ, ନିଦ୍ରାରେ କି ପ୍ରଶାସନ

ଲକ୍ଷ୍ମୀପୁର (ମହାଭାରତ), ୨୬ ଜୁଲାଇ: କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ନିକଟସ୍ଥ ସିଦ୍ଧାର୍ଥ ଭିଲେଜ ପାଖରେ ସଙ୍ଘବନ୍ଧା ନଦୀ ଉପରେ ଥିବା ୩୨୬ ନମ୍ବର ଜାତୀୟ ରାଜପଥର ବ୍ରିଜ ବର୍ଷା ହେଲେ ଏବେ ଯାତ୍ରୀଙ୍କ ପାଇଁ ବଡ଼ ବିପଦର କାରଣ ପାଲଟିଛି । ସାମାନ୍ୟ ବର୍ଷା ହେଲେ ମଧ୍ୟ ବ୍ରିଜ ଉପରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ଦୈନିକ ଯାତାୟାତ କରୁଥିବା ହଜାର ହଜାର ବାଇକ, ଅଟୋ ଓ ଛୋଟ ବଡ଼ ଯାନବାହନ ଚାଳକ ଭୟ ଓ ଅନିଶ୍ଚିତତା ମଧ୍ୟରେ ଯାତ୍ରା କରିବାକୁ ବାଧ ହେଉଛନ୍ତି । ସ୍ଥାନୀୟ ଲୋକଙ୍କ କହିବାନୁସାରେ ବ୍ରିଜ ନିକଟରେ ସଠିକ୍ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ବର୍ଷା ପାଣି ନିଷ୍କାସିତ ହୋଇପାରୁନାହିଁ । ଫଳରେ ବ୍ରିଜ ଉପରେ ଆଣ୍ଠୁଏ ପାଣି ଜମି ରହୁଛି । ଏହା କେବଳ ଯାତାୟାତରେ ବାଧା ସୃଷ୍ଟି କରୁନାହିଁ, ବରଂ ଯେକୌଣସି ସମୟରେ ଦୁର୍ଘଟଣାର ଆଶଙ୍କାକୁ ମଧ୍ୟ ବଢ଼ାଇ ଦେଉଛି । ସବୁଠାରୁ ଚିନ୍ତାର ବିଷୟ ହେଉଛି, ଏହି ଜାତୀୟ ରାଜପଥ ଦେଇ ପ୍ରତିଦିନ ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଓ ପ୍ରଶାସନିକ କର୍ମଚାରୀ



ଯାତାୟାତ କରୁଥିଲେ ମଧ୍ୟ ଦୀର୍ଘଦିନ ଧରି ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କୌଣସି ଠୋସ ପଦକ୍ଷେପ ଦେଖିବାକୁ ମିଳୁନାହିଁ । ଜାତୀୟ ରାଜପଥ ଭଳି ଗୁରୁତ୍ୱପୂର୍ଣ୍ଣ ସଡ଼କରେ ଏପରି ଅବ୍ୟବସ୍ଥା ପ୍ରଶାସନିକ ଦାୟିତ୍ୱବୋଧ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି । ବର୍ଷା ଋତୁ ଆରମ୍ଭରୁ ଏହି ସମସ୍ୟା ପୁଣି ଉଗ୍ର ରୂପ ନେଇଥିବାରୁ ସ୍ଥାନୀୟ ଲୋକ ଓ ଯାତ୍ରୀମାନେ କୋରାପୁଟ ଜିଲ୍ଲାପାଳ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ହସ୍ତକ୍ଷେପ କରି ବ୍ରିଜ ନିକଟରେ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହ ଜନସାଧାରଣଙ୍କ ନିରାପଦ ଯାତାୟାତ ସୁନିଶ୍ଚିତ କରିବାକୁ ଦୃଢ଼ ଦାବି କରିଛନ୍ତି ।

## କପ୍ତିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣୀ : ୧୦୩ ଅଭିଯୋଗର ଶୁଣାଣୀ କଲେ ଜିଲ୍ଲାପାଳ

ଉଦଳା,(ମହାଭାରତ ) : ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ, ମୟୂରଭଞ୍ଜ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ, ବରୁଣ ଗୁଣ୍ଟୁପାଲି ଯୋଗ ଦେଇ ୧୦୩ ଗୋଟି ଜନ ଅଭିଯୋଗର ଶୁଣାଣୀ କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍ ?ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ମୟୂରଭଞ୍ଜ, ଧର୍ମାନନ୍ଦ ବେହେରା, ଭାରପ୍ରାପ୍ତ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରା, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମିନକେତନ ମହାନ୍ତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୯୨ ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୧ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୨୨ ଗୋଟି ସମସ୍ୟାର ତତ୍ ?କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଟ୧,୭୫,୦୦୦/-ଙ୍କା (ଏକ ଲକ୍ଷ ପଚସ୍ତରୀ ହଜାର) ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ କପ୍ତିପଦା ବ୍ଲକ ନୂଆସାହିସ୍ଥିତ କପ୍ତିପଦା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଏବଂ କିଛି ଅଧ୍ୟାପକଙ୍କ ଅନିୟମିତତା, ମାଙ୍କଡ଼ପଡ଼ା ଗ୍ରାମ ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା, ସରକାରୀ ଜଙ୍ଗଲ ଜମି ଉପରେ ଥିବା ଆମ୍ବ ବଗିଚା ଜବର ଦଖଲକାରୀଙ୍କୁ ଉଚ୍ଛେଦ, କପ୍ତିପଦା ରୁ ମାଙ୍କଡ଼ପଡ଼ା ପଞ୍ଚାୟତ ଦେଇ ପଦ୍ମ ପୋଖରୀ ପର୍ଯ୍ୟନ୍ତ ରାସ୍ତା ମରାମତି ଓ ପୋଲ ନିର୍ମାଣ, ଉଦଳା ବ୍ଲକ ଯମୁନାଗଡ଼ ଗ୍ରାମରୁ ବିସ୍ଥାପିତ ଗ୍ରାମବାସୀଙ୍କୁ ସରକାରଙ୍କ ତରଫରୁ ଚାଷ ଜମି ଯୋଗାଇ ଦେବା, ଜୟବନ୍ଧ ଠାରେ ମାଛ ଚାଷ କରିବାକୁ ଜୟବନ୍ଧ ପର୍ଯ୍ୟଟନସ୍ଥଳୀ ପରିଚାଳନା କମିଟିକୁ ଅନୁମୋତି ଦେବା ସହିତ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ଖୁଣ୍ଟା ବ୍ଲକ ଖୁଦପୁଟଳି ଗ୍ରାମବାସୀଙ୍କୁ ଜଙ୍ଗଲ ଜମି ପ୍ରଦାନ ଆଦି ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ମୟୂରଭଞ୍ଜ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ମାନସ ନାୟକ, ସତ୍ୟ ପ୍ରକାଶ ପାତ୍ର, ବିଶ୍ୱଜିତ ବେହେରା, ପାର୍ବତୀ କିସ୍କୁ, ଶ୍ରୀତମ ମହାନ୍ତି, ହିମାଂଶୁ ଶଙ୍ଖୁଆ, ଅନୁଭବ ରାଉତ, ତାପସ ପ୍ରଧାନ, ତପୁ ପାତ୍ର, ଭବାନୀ ପଣ୍ଡା, ଅଜିତ ମହାପାତ୍ର, ତରୁଣକାନ୍ତି ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

## ଚୋରି କରି ଗିରଫ ହେଲେ ୫ ଗହଣା ଲୁଟେରା

କପ୍ତିପଦା, (ମହାଭାରତ ) : ଲୁଟେରାଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି ଉଦଳା ପୋଲିସ । ଉଦଳା ଥାନା ଅଧିନରେ ହୋଇଥିବା ୫ ଗୋଟି ଲୁଟ ମାମଲାର ଖୋଲିଛି ଗୁମର । ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି, ଯେଉଁଥିରେ ୩ ଜଣ ନାବାଳକ ରହିଛନ୍ତି । ମୁଖ୍ୟ ଅଭିଯୁକ୍ତ କନକପଦା ଗ୍ରାମର ବର୍ଣ୍ଣଡ଼ ବିନ୍ଧାଣୀ ନିଜର ନାବାଳକ ପୁଅ, ସତୁ ର ନାବାଳକ ପୁଅ ଏବଂ ପଡୋଶୀ ନାବାଳକ ପିଲାଙ୍କ ମାଧ୍ୟମରେ ଲୁଟ କରୁଥିଲେ । ବିଭିନ୍ନ ଅଂଚଳ ବୁଲିବା ପରେ ବନ୍ଦ ଥିବା ଘରକୁ ଟାର୍ଗେଟ କରି ସେଠାରୁ ଲୁଟ କରୁଥିଲେ ଏବଂ ତାହାକୁ ନେଇ ଅଳଙ୍କାର ଗୁଡିକୁ ନୀଳଗିରି ର ଅଲ୍ଲୀ ଜୁଏଲାରୀ ରେ ଚୋରା ସାମଗ୍ରୀ ବିକ୍ରୀ କରୁଥିଲେ । ଚୋରି ଟଙ୍କାରେ କିଣିଥିବା କାରରେ ନିଜ ପରିବାର ସଦସ୍ୟ ଙ୍କ ସହିତ ଯାଇ ରାଜକୀୟ ଠାଣିରେ ଗହଣା ବିକ୍ରୀ କରୁଥିଲେ । ଗହଣା ବିକି ୪ ଲକ୍ଷ ରୁ ଉର୍ଦ୍ଧ ଟଙ୍କା ସେ ନେଇ ସାରିଛି । ପୋଲିସ ଗିରଫ ଅଭିଯୁକ୍ତଙ୍କ ନିକଟରୁ ୫ ଗୋଟି ବ୍ୟାଙ୍କ ପାସବୁକ,ଏକ କାର, ଦୁଇ ଗୋଟି ବାଇକ ଏବଂ ୪ ଗୋଟି ଫୋନ ଜବତ କରିଛି । ଏହି ମୁଖ୍ୟ ଲୁଟେରା ନାମରେ ପୂର୍ବରୁ ଖୁଣ୍ଟା, ଉଦଳା, କପ୍ତିପଦା ଥାନା ଅଞ୍ଚଳରେ ଅନେକ ମାମଲା ରହିଥିବା ପୋଲିସ ତଦନ୍ତରେ ଜାଣିବାକୁ ପାଇଛି । ଏହା ସହିତ ପୋଲିସ ଗହଣା କିଣୁଥିବା ନୀଳଗିରି ଅଞ୍ଚଳର ଅଲ୍ଲୀ ଜୁଏଲାରୀ ଦୋକାନ ର ମାଲିକ ହର ଗୋବିନ୍ଦ ରଣା କୁ ମଧ୍ୟ ଗିରଫ କରି ତା ନିକଟରୁ ଅଳଙ୍କାର ଜବତ କରିଛି ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ



ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲ୍ଲାଦ ସହାୟ ମୀନା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି ଗୁମ୍ମା ପଞ୍ଚାୟତ ସମିତିର ସମୁଦାୟ ମୋଟ-୮୯ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୭୧ଗୋଟି ,ଗ୍ରାମ ଭିତ୍ତିକ ସମସ୍ୟା - ୧୮ଗୋଟି ଅଭିଯୋଗ ଆସିଥିଲା ,ସେଥିମଧ୍ୟରୁ ୨୧ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଜଣକୁ ରେଡ୍ କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ସେହିପରି ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୮ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଗୁମ୍ମା ପଞ୍ଚାୟତ ସମିତି ଅଧକ୍ଷା ସୁନେମୀ ମଣ୍ଡଳ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ୁଲାରାମ ମାରାଣ୍ଡି, ତହସିଲଦାର ଶରତ ଶବର ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ ।

# ଉପାନ୍ତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ଲାଞ୍ଜିଗଡ଼, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ କମଲେଇ ଗାଁରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ବନ୍ଦ ଥିବାରୁ ଛାତ୍ର ଛାତ୍ରୀ ମାନେ ସୋମବାର ସ୍କୁଲ ଯାଇ ସ୍କୁଲରେ ତାଲା ପଡ଼ିଥିବା ଦେଖି ଘରକୁ ଫେରି ଥିଲେ । ତେବେ ସ୍କୁଲରେ ଦୁଇ ଜଣ ଶିକ୍ଷକ ନିୟୋଜିତ ଥାଇ ମଧ୍ୟ କୌଣସି ସରକାରୀ ଛୁଟି ନ ଥାଇ କାହିଁକି ସ୍କୁଲ ବନ୍ଦ ରହିଥିଲା ତାହା ଏବେ ଏକ ବିରାଟ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । କୌଣସି ସରକାରୀ ଛୁଟି ନ ଥାଇ ଶିକ୍ଷକ ମାନେ ସ୍କୁଲ ବନ୍ଦ କରିବା କେତେଦୂର ଯଥାର୍ଥ ବୋଲି ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏପଟେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପାଇଁ ମାସିକ ପାରିଶ୍ରମିକ ମୋଟା ଅଙ୍କର ଦରମାର ବ୍ୟବସ୍ଥା ରହିଛି ହେଲେ ଏତେସବୁ ସରକାରଙ୍କ ବ୍ୟବସ୍ଥା ଭିତରେ ଥାଇ ମଧ୍ୟ ଗ୍ରାମାଞ୍ଚଳ ମାନଙ୍କନରେ ଶିକ୍ଷା ବ୍ୟବସ୍ଥା




ବିପର୍ଯ୍ୟସ୍ତ ହୋଇପଡିଛି ଯାହାଦ୍ୱାରା ଅନେକ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଏବେ ଅନ୍ଧାର ଆଡକୁ ଠେଲି ହେଉଛି ବୋଲି ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ରହିଥିବା ବେଳେ ପ୍ରଧାନ ଶିକ୍ଷକ ଭାବେ ନାରାୟଣ ନାଏକ ଓ ସହଶିକ୍ଷକ ଭାବେ ସିପୁନ ନାୟକ କାର୍ଯ୍ୟ ତୁଲାଇ ଆସୁଛନ୍ତି କିନ୍ତୁ ଦୁଇ ଜଣ ଶିକ୍ଷକ ନିଯୁକ୍ତ ଥାଇ ମଧ୍ୟ ଜଣେ ବି ସ୍କୁଲରେ ଉପସ୍ଥିତ ନ ରହିବା କେତେ ଦୂର ଯଥାର୍ଥ ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ତେବେ ଏନେଇଁ ଶହ ଶିକ୍ଷକ ସିପୁନ ନାୟକ ଙ୍କୁ ପଚାରିବାରୁ ମୁଁ ଆମ ପ୍ରଧାନ ଶିକ୍ଷକଙ୍କୁ ଜଣାଇ ଥିଲି ପାହାଡିଆ ରାସ୍ତା ଓ ପ୍ରବଳ ବର୍ଷ ହେଉଛି ମୁଁ ଆଜି ସ୍କୁଲକୁ ଯାଇ ପାରିବି ନାହିଁ ବୋଲି କହି ଥିଲି କିନ୍ତୁ ସିଆର ସିସି ସାରଙ୍କୁ ଜଣାଇ ନ ଥିଲି । ଏହାକୁ ନେଇଁ ପ୍ରଧାନ ଶିକ୍ଷକ ଙ୍କୁ ପଚାରିବାରୁ ବର୍ଷା ଯୋଗୁଁ ମୁଁ ସ୍କୁଲକୁ ଯାଇ ପାରିଲି ନାହିଁ କି ସିଆର ସିସି ସାରଙ୍କୁ ମଧ୍ୟ ଜଣେଇଲି ନାହିଁ ମୋ ଭୂଲ ହୋଇଛି ବୋଲି କହୁଥିବା ବେଳେ ଏସମ୍ପର୍କରେ ମାଳିଯୁବାଙ୍ଗ କ୍ଲଷ୍ଟର ସିଆରସିସି ଘାଷି ମାଝୀ ଙ୍କୁ ପଚାରିବାରୁ ସେ ଦୁଇ ଶିକ୍ଷକ ମତେ କୌଣସି ଛୁଟି ପାଇଁ ଲିଖିତ ବା ମୌଖିକ ଭାବେ ଜଣାଇ ନାହାନ୍ତି କି ଆଜି କୌଣସି ସରକାରୀ ଛୁଟି ମଧ୍ୟ ନାହିଁ । ଯଦି ମତେ ଜଣାଇ ଥିଲେ ମୁଁ କେଉଁ ସ୍କୁଲରୁ ଜଣେ ଶିକ୍ଷକଙ୍କୁ ଡେପୁଟେସନ ପଠେବା ବ୍ୟବସ୍ଥା କରିଥାନ୍ତି । ଆଜି କାହିଁକି ସ୍କୁଲ ଛୁଟି କରିଥିଲେ ତାହା ତଦନ୍ତ ପରେ ଜଣାପଡିବ ବୋଲି ମତପ୍ରକାଶ କରିଛନ୍ତି । ତେବେ ଶିକ୍ଷାବିଭାଗ ଦୁଇ ଜଣ ଶିକ୍ଷକଙ୍କ ବିରୋଧରେ କେଉଁ ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ନା ଦେଖ, ଶୁଣ ଚୁପରୁହ ନୀତି ଅବଲମ୍ବନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ବରଗାଁ-ଜୟପୁର ବଡନଦୀ ରୋଡ ଖାଲଖମା



ଆସିକା (ମହାଭାରତ)ଆସିକା ବ୍ଲକ ଅଧିନ ବରଗାଁ-ଜୟପୁର ନଦୀହୁଡା ରାସ୍ତାଟି ଖାଲଖମା ଯୋଗୁଁ ଯାତାୟତ କରିବାରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ଯାତ୍ରୀ। ଅନେକ ଥର ସାନବଡ ଦୁର୍ଘଟଣା ଘଟୁଛି। ଏହି ନଦୀରାସ୍ତାଟି ଆସିକା ଜଳସେଚନ ବିଭାଗ ଅଧିନରେ ରହିଛ। ଅନେକ ଦିନ ତଳେ ରାସ୍ତାଟି ନିର୍ମାଣ ହୋଇଥିଲା। ଦୀର୍ଘଦିନ ହେଲା ରାସ୍ତାର ରକ୍ଷଣାବେକ୍ଷଣ ହୋଇ ନାହିଁ। ଏହି ରାସ୍ତା ଦେଇ ୧୦ ଖଣ୍ଡ ଗ୍ରାମର ୧୫୦୦୦ ଲୋକ ଏହି ରାସ୍ତା ଦେଇ ଆସିକା ସହରକୁ ସ୍କୁଲ, କଲେଜ ଓ ମେଡିକାଲ ଆସନ୍ତି। ତୁରନ୍ତ ଏହି ରାସ୍ତା ମରାମତି ପାଇଁ ବରଗାଁ, ଜୟପୁର, ପଢାଳ ଅ□ଳବାସୀ ଦାବିକରିଛନ୍ତି।

## ଆଦି କ୍ରାନ୍ତି ପୀଠ ମେଳିଆ ତୋଟାର ସ୍ୱତନ୍ତ୍ର ପରିଚୟ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଏକ ପୂର୍ବତନ ଗଡ଼ଜାତ ତଥା ଆଦିବାସୀ ବହୁଳ ଅଞ୍ଚଳ। ରାଜାଙ୍କ କ୍ରୁର ଶାସନ ବିରୋଧରେ ଆଦିମ ଅଧିବାସୀମାନଙ୍କ ଦ୍ୱାରା ସଂଗଠିତ କନ୍ଧମେଳିର ଐତିହାସିକ ସ୍ଥଳ 'ମେଳିଆ ତୋଟା'ରୁ ଜନ୍ମ ନେଇଥିବା ସମାଜକୈନ୍ଦ୍ରିକ ସାହିତ୍ୟ ଅନୁଷ୍ଠାନ 'ମୁଠି ଚଉଳର ସ୍ୱର - ମାଟିର ସ୍ୱର' ଏକ ପ୍ରଗତିଶୀଳ ସଂଗଠନ ବୋଲି କଟକସ୍ଥିତ କୁସୁମ ଟିଭି ପକ୍ଷରୁ ଆୟୋଜିତ ଏକ ଅନୌପଚାରିକ ଆଲୋଚନାରେ ମତ ପ୍ରକାଶ କରାଯାଇଛି।ମାଟିର ସ୍ୱର ଦ୍ୱାରା ଆୟୋଜିତ 'ମୁଠି ଚଉଳ'ର ବାର୍ଷିକ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିବା କୁସୁମ ମଞ୍ଜରୀ ଦାସ କହିଥିଲେ ଯେ, ଏହି ବିପ୍ଳବୀ ମାଟିରୁ ସେମାନେ ଅନେକ ସ୍ନେହ, ଶ୍ରଦ୍ଧା, ସମ୍ମାନ ଓ ମୂଲ୍ୟବାନ ଅଭିଜ୍ଞତା ଲାଭ କରିଛନ୍ତି। ସାହିତ୍ୟର ବାସ୍ତବ ରୂପ ଏବଂ ସାମାଜିକ କ୍ରାନ୍ତିର ବିଭିନ୍ନ ଦିଗକୁ କବିତା, ଗୀତ, ଆଲୋଚନା ଓ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ଅନୁଭବ କରିବା ସହ ଶିଖିଛନ୍ତି।ସେ କହିଥିଲେ ଯେ, ଏଠାରେ ତଥାକଥିତ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ପରିବର୍ତ୍ତେ ସମାଜର ସବୁଠାରୁ ତଳସ୍ତରରେ ଥିବା ପ୍ରତିଭାମାନଙ୍କୁ ଅତିଥି ଭାବେ ମଞ୍ଚରେ ସମ୍ମାନିତ କରାଯାଏୟ ଅବହେଳିତ ଓ ଅପରିଚିତ ସାଧାରଣ ଲୋକ, ଗ୍ରାମୀଣ କବି, ସାହିତ୍ୟିକ ଏବଂ ମାଟିର ସଂସ୍କୃତି ହିଁ ସମାଜର ପ୍ରକୃତ ସମ୍ପଦ ବୋଲି 'ମାଟିର ସ୍ୱର' ବିଶ୍ୱାସ କରେ। ସେଥିପାଇଁ ଏହି ପ୍ରତିଭାମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ମିଳିବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେୟ'ମାଟିର ସ୍ୱର' ପଲ୍ଲୀ ପ୍ରତିଭା, ଗ୍ରାମୀଣ କବି, ଲେଖକ ଓ ସାହିତ୍ୟିକମାନଙ୍କୁ ସର୍ବଦା ସ୍ୱତନ୍ତ୍ର ସମ୍ମାନ,ସ୍ୱୀକୃତି ଓ ପ୍ରାଧାନ୍ୟ ଦେଇଆସୁଛି। ଏହା ଅନ୍ୟ ସାହିତ୍ୟିକ ଓ ସାମାଜିକ ଅନୁଷ୍ଠାନମାନଙ୍କ ପାଇଁ ମଧ୍ୟ ଅନୁକରଣୀୟ ଓ ଶିକ୍ଷଣୀୟ ବୋଲି ସେ କହିଥିଲେୟସେ ଆହୁରି କହିଥିଲେ ଯେ, 'ମୁଠି ଚଉଳ' କେବଳ ଏକ ସ୍ଲୋଗାନ କିମ୍ବା ଶବ୍ଦ ନୁହେଁ; ବରଂ ଏହାକୁ ସାମାଜିକ ଓ ସାହିତ୍ୟିକ କ୍ଷେତ୍ରରେ ବ୍ୟବହାରିକ ରୂପ ଦେଇ 'ମାଟିର ସ୍ୱର' ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପୁଞ୍ଜିବାଦୀ ଓ ବ୍ୟକ୍ତିବାଦୀ ସମାଜ ବ୍ୟବସ୍ଥା ମଧ୍ୟରେ 'ମୁଠି ଚଉଳ'ର ଏହି ପ୍ରୟାସ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ। ପଲ୍ଲୀ ପ୍ରତିଭାଙ୍କୁ ଉତ୍ସାହିତ କରିବାରେ 'ମାଟିର ସ୍ୱର'ର ଭୂମିକା ନିଶ୍ଚିତ ଭାବେ ଅନନ୍ୟ।କେବଳ 'ମାଟିର ସ୍ୱର'ର ପ୍ରୟାସ ଯୋଗୁଁ ମେଳିଆ ତୋଟାର ଐତିହାସିକ ପୃଷ୍ଠଭୂମି, ଏହାର ଐତିହ୍ୟ ଏବଂ ଏଠାରେ ସଂଗଠିତ ଆଦି କ୍ରାନ୍ତିର ପ୍ରାମାଣିକ ବାର୍ତ୍ତା ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, କବି, ଲେଖକ, ସାମ୍ବାଦିକ ଓ ସମାଜସେବୀଙ୍କ ନିକଟରେ ପହଞ୍ଚିବାରେ ସଫଳ ହୋଇଛି।

## ଶ୍ରୀଗୁଣ୍ଡିଚା ସାଂସ୍କୃତିକ ସେବା ସମିତିର ସାଂସ୍କୃତିକ କାର୍ଯ୍ୟକ୍ରମ

**ରାଉରକେଲା,**

ଛେଣ୍ଡ ସ୍ଥିତ ଶ୍ରୀଗୁଣ୍ଡିଚା ସାଂସ୍କୃତିକ ସେବା ସମିତି ତରଫରୁ ରଥଯାତ୍ରା ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଚିତ୍ରାନନ୍ଦ ପଢିଆରୀ ଓ ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନଅ ଦିନ ଧରି ମହାପ୍ରଭୁଙ୍କ ବିଭିନ୍ନ ନୀତିକାନ୍ତି ସହ ଶ୍ରଦ୍ଧାଳୁ ଙ୍କ ନିମନ୍ତେ ପ୍ରସାଦ ବିତରଣ କରାଯାଇଥିଲା। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁଜାତା ସାହୁ ପାଲା ପରିବେଷଣ କରିଥିଲେ। ଅନ୍ୟପକ୍ଷେ ସାମାଜିକ ଅନୁଷ୍ଠାନ ହାପି ମୋମେଣ୍ଟସ ଇଣ୍ଡିଆ ତରଫରୁ ପ୍ରସାଦ ବିତରଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ରେ ସମିତି ତରଫରୁ ସର୍ବଶ୍ରୀ କାମେଶ୍ୱର ଦତ୍ତ,ରାଧାଶ୍ୟାମ ନାୟକ,ଚୈୟଧୁରୀ ରମେଶ ଦାସ, ପ୍ରଭାତ ମହାପାତ୍ର, ବ୍ରଜକିଶୋର ପାଣି, ଭବାନୀ କବି, ପ୍ରସନ୍ନ କୁମାର ସାବତ, ରୁଦ୍ରନାରାୟଣ ତ୍ରିପାଠୀ, ସରୋଜ ଦାସ, ସୁରେଶ ପଣ୍ଡା, ରବିନ୍ଦ୍ର ମହାନ୍ତି, ଆଶିଷ ଦାସ, ରାଜୀବ ପ୍ରତିହାରୀ,ହାପି ମୋମେଣ୍ଟସ ତରଫରୁ ଇପ୍ସିତା ଦାସ, ରାଜେନ୍ଦ୍ର ପଣ୍ଡା, ରଶ୍ମିତା ଓ ଅନ୍ୱେଷା ପଣ୍ଡା, ଚାରୁଲତା ସାମଲ, ଗଜେନ୍ଦ୍ର ମେହେର,ପ୍ରଦୀପ ବିଶୋୟୀ , କୁଞ୍ଜବିହାରୀ ରାଉତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲାବେଳେ ଶେଷଦିନ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଅତିଥି ଭାବେ ଯୋଗଦେଇଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲ୍ଲାଦ ସହାୟ ମୀନା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି ଗୁମ୍ମା ପଞ୍ଚାୟତ ସମିତିର ସମୁଦାୟ ମୋଟ-୮୯ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୭୧ଗୋଟି ,ଗ୍ରାମ ଭିତ୍ତିକ ସମସ୍ୟା - ୧୮ଗୋଟି ଅଭିଯୋଗ ଆସିଥିଲା ,ସେଥିମଧ୍ୟରୁ ୨୧ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି। ଜଣକୁ ରେଡ୍ କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଗାଁ କଲ୍ୟାଣ ପାଇଁ ଜମିଦାନ କଲେ ୯ଜଣ

## ଗ୍ରାମବାସୀଙ୍କ ଉଦ୍ୟମରେ ପୋଖରୀକୁ ଫିଟିଲା ରାସ୍ତା

**ଅନୁଗୋଳ,:** ଗାଁ ପୋଖରୀକୁ ଯିବା ପାଇଁ ରାସ୍ତା ନ ଥିଲା। ଲୋକେ ଜମି ହିଡ଼ରେ ଯାଉଥିଲେ। ଏହାକୁ ନେଇ ଗାଁରେ ବୈଠକ ବସିଲା ପରେ ବଦଳିଯାଇଛି ସ୍ଥିତି। ପୋଖରୀକୁ ରାସ୍ତା ତିଆରି କରିବାକୁ ୯ ଜଣ ଲୋକ ଜମିଦାନ କରିଥିଲା ବେଳେ ଗ୍ରାମବାସୀ ଶ୍ରମ ଓ ଅର୍ଥଦାନ କରି ରାସ୍ତା ତିଆରି କରିଛନ୍ତି। ଫଳରେ ଯେଉଁ ପୋଖରୀ କୂଳକୁ ଦିନେ ସାଇକଲଟିଏ ଯାଇ ପାରୁନଥିଲା, ଏବେ ୪ ଚକିଆ ଗାଡ଼ି ଯାଉଛି। ଏମିତି ଏକ ଭଲ ଖବର ଆସିଛି ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ହମାମିରା ଗାଁରୁ। ଗାଁ'ର ଚାକିରିଆମାନେ ଏଥିପାଇଁ ଟଙ୍କା ଦେଇଥିଲା ବେଳେ ଗ୍ରାମବାସୀ ନିଜେ କୋଡ଼ି, କୋଦାଳ ଧରି ରାସ୍ତା ନିର୍ମାଣରେ ନିଜକୁ ସାମିଲ କରିଥିଲେ। ଫଳରେ ସପ୍ତାହକ ଭିତରେ ୧୩ ଫୁଟ ଓସାର ଓ ୭ ଶହ ଫୁଟ ଲମ୍ବାର ରାସ୍ତା ନିର୍ମାଣ ହୋଇପାରିଛି। ସରକାରୀ ଅନୁଦାନ କିମ୍ବା ନେତାଙ୍କ ହାତପାଣ୍ଠିକୁ ଅପେକ୍ଷା ନ କରି ନିଜ ଗାଁକୁ ନିଜେ ସୁନ୍ଦର କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ଏହି ଗାଁ ଲୋକେ।ଅନୁଗୋଳ ବ୍ଲକ୍ ବେଡ଼ାଶାସନ ପଞ୍ଚାୟତର ହମାମିରା ଗାଁରେ ସାଢ଼େ ୩ ହଜାର ଲୋକ ରହୁଛନ୍ତି। ଏହି ଗାଁର ଲୋକମାନେ ଗାଁ ପୋଖରୀ ଉପରେ ନିର୍ଭର କରନ୍ତି। ବିବାହ ବ୍ରତଠାରୁ ଆରମ୍ଭ କରି ପୂଜାପାଠ ପର୍ଯ୍ୟନ୍ତ ଏଠାରୁ ଜଳ ସଂଗ୍ରହ କରାଯାଏ। ଲୋକମାନେ ଗାଧୋଇବା ସହ ଶୁଦ୍ଧିଘର କାମ ସବୁ ଏହି ପୋଖରୀ କୂଳରେ କରିଥାନ୍ତି। କିନ୍ତୁ ଗାଁ ମୁଖ୍ୟରାସ୍ତାରୁ ଏହି ପୋଖରୀକୁ ସରକାରୀ ରାସ୍ତା ନ ଥିଲା। ଚାଷଜମି ହିଡ଼ରେ ଲୋକମାନେ ପୋଖରୀକୁ ଯିବା ଆସିବା କରୁଥିଲେ। ଖରାଦିନେ ଲୋକମାନେ ଯେନତେନ ଉପାୟରେ କାମ ଚଳାଇ ଦେଉଥିଲେ ମଧ୍ୟ ବର୍ଷା ଦିନେ ଏହି ପୋଖରୀକୁ ଯିବା ଅସମ୍ଭବ ହୋଇପଡ଼େ। ରାସ୍ତା ନ ଥିବାରୁ ଏହାର ଉନ୍ନତୀକରଣ କାମ ବି ହୋଇପାରୁନଥିଲା।ଏଣୁ ପୋଖରୀକୁ ଏକ ସବୁଦିନିଆ ରାସ୍ତା ତିଆରି କରିବାକୁ ଗାଁ ବୈଠକରେ ଆଲୋଚନା ହୋଇଥିଲା। ରାସ୍ତା ନିର୍ମାଣ ପାଇଁ ହିଡ଼ ଦୁଇ ପାଖରେ ଥିବା ଚାଷ ଜମିରୁ କିଛି କିଛି ଅଂଶ ଦାନ କରିବାକୁ ଗାଁ ତରଫରୁ ଜମି ମାଲିକଙ୍କୁ ଅନୁରୋଧ କରାଯାଇଥିଲା। ଗାଁର ରସାନନ୍ଦ ଅମାନ୍ତ, ଅଶେଷ ଅମାନ୍ତ, ପ୍ରଭାକର ଅମାନ୍ତ, ନିତ୍ୟାନନ୍ଦ ବେହେରା, ରମେଶ ସାହୁ, କରୁଣାକର ସାହୁ, ମାମୁନ୍ ସାହୁ, ଚଞ୍ଚଳା ଅମାନ୍ତ ଓ ବିଶେଶ୍ୱର ପଟ୍ଟନାୟକ ନିଜ ନିଜ ଜମିରୁ କିଛି ଭାଗ ରାସ୍ତା ପାଇଁ ଦାନ କରିବାକୁ ରାଜି ହୋଇଥିଲେ। ପରେ ଗାଁ କମିଟି ପକ୍ଷରୁ ଗାଁର ଚାକିରିଆମାନଙ୍କୁ ଯୋଗାଯୋଗ କରି ପ୍ରାୟ ୧ ଲକ୍ଷ ଟଙ୍କା ଯୋଗାଡ଼ କରାଯାଇଥିଲା। ଏହି ଟଙ୍କା ଓ ଗ୍ରାମବାସୀଙ୍କ ମିଳିତ ଶ୍ରମଦାନ ପରେ ଏବେ



ପୋଖରୀକୂଳକୁ ରାସ୍ତା ଫିଟିଛି। ଏନେଇ ଗାଁ ସଭାପତି ଗୋପବନ୍ଧୁ ସାହୁ କହିଛନ୍ତି, ସମୂହ ସ୍ୱାର୍ଥ ପାଇଁ ଜମିଦାନ କରିବାକୁ ଲୋକେ ରାଜି ହେବା ପରେ ରାସ୍ତା ନିର୍ମାଣ ହୋଇଛି। ଆଗକୁ ପୋଖରୀର ଉନ୍ନତୀକରଣ ସହ ହିଡ଼ର ସୌନ୍ଦର୍ଯ୍ୟକରଣ ପାଇଁ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।

## ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା: ବିଭୁତିଙ୍କ କଣ୍ଠରେ ଭକ୍ତିର ଝଙ୍କାର

ସମ୍ବଲପୁର: ମା ସମଲେଶ୍ୱରୀଙ୍କ ପବିତ୍ର ପୀଠରେ ରବିବାର ସନ୍ଧ୍ୟାରେ ଏକ ଭବ୍ୟ ଭଜନ ସନ୍ଧ୍ୟା ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଭଜନ ସନ୍ଧ୍ୟାକୁ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ଶ୍ରୀ ସଞ୍ଜୟ ବାବୁ ମା ସମଲେଶ୍ୱରୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁରର ପ୍ରତିଷ୍ଠିତ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ। କଣ୍ଠଶିଳ୍ପୀ ବିଭୁତି ଭୂଷଣ ପଟ୍ଟନାୟକ, ରଞ୍ଜନ କୁମାର ନନ୍ଦ, ବଳରାମ ମାଝୀ, ସୁନୀତି ବେହେରା, ଜ୍ୟୋତିର୍ମୟୀ ବେହେରା ଓ ତନୁଶ୍ରୀ ବେହେରା ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।ବାଦ୍ୟଯନ୍ତ୍ରରେ ଦେବାଶିଷ ପାଢ଼ୀ, ଭାଗିରଥୀ ସିଂହଦେଓ, କୃଷ୍ଣ ଚନ୍ଦ୍ର ବାଗ, କ୍ଷିତିଶ ଚନ୍ଦ୍ର ବାଗ, ସୁମିତ ପ୍ରଧାନ, ହରିବନ୍ଧୁ ବେହେରା ଓ ସୁରେନ୍ଦ୍ର ଖଟେଇ ପ୍ରମୁଖ ସହଯୋଗ କରିଥିଲେ। ଶ୍ରୀ ସନ୍ତୋଷ କୁମାର ମିଶ୍ର କାର୍ଯ୍ୟକ୍ରମ କୁ ସଂଯୋଜନା ଓ ତ୍ରିଲୋଚନ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ।ଏହି ଅବସରରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା , ହେମନ୍ତ ମିଶ୍ର , ଓ ଦେବ କୁମାର ଅଜମେରିଆ ତଥା ବିଶିଷ୍ଟ ଶିକ୍ଷାବିତ ଡ଼ଃ ଶ୍ୟାମ ସୁନ୍ଦର ଧର, ଗୁରୁ ରଞ୍ଜନ କୁମାର ସାହୁ, ସୁଶାନ୍ତ ମିଶ୍ର, ସୁଶୀଲ ଦାସ, ଜୟକୃଷ୍ଣ ବେହେରା, ମଳୟ ଭୋଇ ଓ ଦୀପାଳି ଚୌଧୁରୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଉପସ୍ଥିତ ଭକ୍ତମାନେ କହିଥିଲେ ଯେ, ଏପରି ଭଜନ ସନ୍ଧ୍ୟା ସମ୍ବଲପୁରର ସାଂସ୍କୃତିକ ପରମ୍ପରାକୁ ଆଗକୁ ବଢ଼ାଇବା ସହ ଯୁବପିଢ଼ୀଙ୍କୁ ଭକ୍ତି ସଙ୍ଗୀତ ଓ ଆଧ୍ୟାତ୍ମିକତା ପ୍ରତି ଆକର୍ଷିତ କରିବ। ଶେଷରେ ଆୟୋଜକମାନେ ସମସ୍ତ କଳାକାର, ବାଦ୍ୟଯନ୍ତ୍ରବାଦକ, ସହଯୋଗୀ ଓ ଭକ୍ତମାନଙ୍କୁ ଧ ନ୍ୟ ବ ା ଦ ଜଣାଇଥିଲେ।ସମଲେଶ୍ୱରୀ ପୀଠ କେବଳ ଏକ ଆଧ୍ୟାତ୍ମିକ କେନ୍ଦ୍ର ନୁହେଁ, ଏହା ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ପରମ୍ପରାର ଜୀବନ୍ତ ପ୍ରତୀକ।ଏପରି ଭଜନ ସନ୍ଧ୍ୟା ଭକ୍ତମାନଙ୍କ ମନରେ ଭକ୍ତିଭାବ ସୃଷ୍ଟି କରିବା ସହ ନୂତନ ପିଢ଼ୀଙ୍କୁ ଆମ ସାଂସ୍କୃତିକ ଐତିହ୍ୟ ସହ ଯୋଡ଼ି ରଖିବ ବୋଲି ସଭାପତି ସଞ୍ଜୟ ବାବୁ ମତପ୍ରକାଶ କରିଥିଲେ।

## ସାମ୍ନା କୁ ଆସୁଛି ବିଦ୍ୟୁତ ବିଭାଗ ର ଅପାରଗତା

ଅସ୍ତରଙ୍ଗ(ମହାଭାରତ) : ଦିନକୁ ଦିନ ବୃଦ୍ଧି ପାଉଛି ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳ ର ବିଦ୍ୟୁତ ବିଭାଗ ର ଅପାରଗତା, ବିନା ନୋଟିସ ରେ ବିଦ୍ୟୁତ ସେବା ରୁ ବଞ୍ଚିତ ହେଉଛନ୍ତି ହଜାର ହଜାର ଲୋକ, ୨୪ ଘଣ୍ଟା ଭିତରେ ୧୦ ଘଣ୍ଟା ରୁ ଉର୍ଦ୍ଧ ବିଦ୍ୟୁତ ଉପଭୋକ୍ତା ଭୋଗୁଛନ୍ତି ନାହିଁ ନଥିବା ଅସୁବିଧା, ଗୋଟେ ପଟେ ସରକାର ବିଦ୍ୟୁତ ସଂଯୋଗ କୁ ନେଇ ବାରମ୍ବାର ନିର୍ଦ୍ଦେଶ ଦେଉଥିବା ବେଳେ ଅସ୍ତରଙ୍ଗ କାକଟପୁର ବିଦ୍ୟୁତ ବିଭାଗ ଚିର ନିଦ୍ରା ରେ, ଏକ ବର୍ଷ ରୁ ଉର୍ଦ୍ଧ ହେବ ପ୍ରତ୍ୟେକ ମୁହୂର୍ତ୍ତ ରେ କହୁଛନ୍ତି ଗଛ କଟା ଚାଲିଛି ଆଉ କାମ ଚାଲିଛି ମାତ୍ର କେବେ ଶୁଣିବାକୁ ମିଳୁନି କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନି, ଏହା ଅତ୍ୟନ୍ତ ଦୁଃଖ ଓ୍ ପରୀତାପ ର ବିଷୟ, ମାଳ ମାଳ କରତ କଳ, ଚିଙ୍ଗୁଡ଼ି ଘେରି, ପ୍ରକୃତ ରେ ଏହି ଚିଙ୍ଗୁଡ଼ି ଘେରି ଓ୍ କରତ କଳ କୁ ଦିଆଯାଇଥିବା ବିଦ୍ୟୁତ ସଂଯୋଗ ଆଇନଗତ କି ବେ ଆଇନ ତାହା ଅସ୍ପଷ୍ଟ ହୁଏତ ଏହା ଉପରେ ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ତାହା ସାମ୍ନା କୁ ଆସିପାରିବ ବୋଲି ବିଦ୍ୟୁତ ଉପଭୋକ୍ତା ମାନେ ଆଶା ରଖିଛନ୍ତ। ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଉପରେ ଏହି ଅଘୋଷିତ ବିଦ୍ୟୁତ କାଟ ସମ୍ପୂର୍ଣ୍ଣ ପ୍ରଭାବ



ପକାଇଛି, ଏଭଳି କି ଅନେକ ସରକାରୀ କାର୍ଯ୍ୟ ରେ ବାଧା ସୃଷ୍ଟି କରୁଛି ଏହି ଅସ୍ତରଙ୍ଗ ବିଦ୍ୟୁତ ଡିଭିଜନ, ଅନେକ ସମୟ ରେ ସ୍ଥାନୀୟ ଅଧିକାରୀ ବା ଯନ୍ତ୍ରୀ ଙ୍କୁ ଯୋଗାଯୋଗ କଲେ କୌଣସି ପ୍ରକାର ସୂଚନା ମଧ୍ୟ ଦେଉନାହାନ୍ତି, ବଜାର ଗୁଡିକ ରେ ବ୍ୟବସାୟୀ ମାନେ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଗୋଟେ ପଟେ ଅନେକ ସମୟ ରେ କହୁଛନ୍ତି କର୍ମଚାରୀ ନାହାନ୍ତି, ଟାଟା ପାୱାର ରେ ଦୋଷ ତ୍ରୁଟି ଯୋଗୁ ଏହି ଘଟଣା ଘଟୁଛି ଅନ୍ୟ ପଟେ ଲୋକ ଙ୍କ ସରକାର ଙ୍କ ନିର୍ମଳ ଭାବମୂର୍ତ୍ତୀ ର ପରୋକ୍ଷ ରେ ସର୍ବସାଧାରଣ ରେ ତିରସ୍କାର କରାଉଛନ୍ତି ଅସ୍ତରଙ୍ଗ ବିଦ୍ୟୁତ ଡିଭିଜନ ର ଅଧିକାରୀ, ବିଦ୍ୟାଳୟ ଖୋଲୁଛି ପିଲା ମାନଙ୍କ ପାଠ ପଢା, ରୋଗୀ ମାନଙ୍କ ଉପରେ, ଶଯ୍ୟାଶାୟୀ ବୃଦ୍ଧ ବୃଦ୍ଧା ସଭିଙ୍କ ଉପରେ ଯେପରି ଅକାଳ ଚଡକ ପକାଇବାକୁ ଶପଥ ନେଇଛି ତାହା ହିଁ ମନେ ହେଉଛି। ଅନ୍ୟ ପଟେ ଯଦିଓ କହିବା ଅସ୍ତରଙ୍ଗ ଅଞ୍ଚଳ ରେ ବାରମ୍ବାର ମଠ ମନ୍ଦିର ଗୁଡ଼ିକରୁ ରାତ୍ର ସମୟ ରେ ଲୁଟପାଟ ଜୋରଦାର ହେଉଛି, ଏହି ଅଘୋଷିତ ବିଦ୍ୟୁତ କାଟ ରାତ୍ର ସମୟ ରେ ଲୁଟେରା ମାନଙ୍କୁ ସୁହାଉଛି ବୋଲି ବୁଦ୍ଧିଜୀବୀ ମହଲ ରେ ଜୋରଦାର ଚର୍ଚ୍ଚା ଚାଲୁଛି, ଦୀର୍ଘ ବର୍ଷ ହେବ ଏହି ଅପାରଗତା କୁ ସମ୍ମୁଖୀନ ହୋଇ ପରିଶେଷରେ ଅସ୍ତରଙ୍ଗ ବିଦ୍ୟୁତ ବିଭାଗ ବିରୁଦ୍ଧରେ ଜନଆନ୍ଦୋଳନ ହେବ ବୋଲି ବୁଦ୍ଧିଜୀବୀ ମହଲ ରେ ଚର୍ଚ୍ଚା ଜୋରଦାର।

## ବିଲ ଭିତରୁ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଏକ ଅଜଣା ବ୍ୟକ୍ତିର ଶବ ବିଲରେ ଭାସୁଥିବା ଚର୍ଚ୍ଚାର କାରଣ ପାଲଟିଛି। ଖବରରୁ ପ୍ରକାଶ ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ କୁନୁଁଆ ଗାଁର ଏକ ବିଲ ଭିତରେ ଭାସୁଛି ଅଜଣା ଯୁବକର ମୃତଦେହ ଭାସୁଥିବା ଅଞ୍ଚଳବାସି ଦେଖିଥିଲେ।ମୃତ ଯୁବକଙ୍କ ପରିଚୟ ଅସ୍ପଷ୍ଟ ଥିବା ବେଳେ ସେ ଗୋଟେ ଲୁଙ୍ଗି ଶାର୍ଟ ପିନ୍ଧିଥିବା ଓ ଶବଟିର ଚମଡା ଛାଡି ଯାଇଥିବା ସହ ପଚି ଯାଇଛି।ଶବଟି ୩ରୁ ୪ଦିନର ହୋଇଥିବା ଅନୁମାନ ହୋଇଥିବାବେଳେ ଏହା ହତ୍ୟା ନା ଆତ୍ମହତ୍ୟା ନା ସ୍ୱାଭାବିକ ମୃତ୍ୟୁ ତାହା ଏବେ ସନ୍ଦେହ ସୃଷ୍ଟି କରିଛି।ତେବେ ଘଟଣା ସ୍ଥଳରେ ରାସୋଳ ପୋଲିସ ପହଞ୍ଚି ଅପରାହ୍ନରେ ଶବ ଉଦ୍ଧାରକରି କେଶ ନଂ -ଉଡି ୧୫/୨୦୨୬ରେ ମାମଲା ରୁଜୁକରି ତଦନ୍ତ ଜାରି ରହିଛି ଏବଂ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ସାହାରପଡା ଫାଣ୍ଡି କୁ ଥାନା ମାନ୍ୟତା ପାଇଁ ଜନ ସାଧାରଣ ଙ୍କ ଦାବି

ପାଟଣା:-(ମହାଭାରତ) ଫାଣ୍ଡି କୁ ଥାନା ମାନ୍ୟତା ପାଇଁ ଜନସାଧାରଣ ରେ ଦାବି ହୋଇ ଛି। କେନ୍ଦୁଝର ଜିଲ୍ଲାର ଅନ୍ୟତମ ବୃହତ ଓ ଆଦିବାସୀ ଅଧୁଷିତ ସାହାରପଡା ବ୍ଲକ କୁ ବୁଝାଏ। ଦିନ କୁ ଦିନ ବଢୁଥିବା ଜନସଂଖ୍ୟା ସରକାରୀ କାର୍ଯ୍ୟାଳୟ ସଂଖ୍ୟା ଓ ଆଇନଶୃଙ୍ଖଳା ସମ୍ବନ୍ଧୀୟ ଚ୍ୟାଲେଞ୍ଜ ସ□ ଆଜି ପର୍ଯ୍ୟନ୍ତ ସ୍ୱତନ୍ତ୍ର ଥାନା ସ୍ଥାପନ ହୋଇ ନ ଥିବା ରୁ ସ୍ଥାନୀୟ ଲୋକଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ପାଟଣା ଥାନା ଅଧୀନରେ ଥିବା ସାହାରପଡା ଫାଣ୍ଡି ଉପରେ ୨୦ଟି ଗ୍ରାମ ପଞ୍ଚାୟତର ଆଇନଶୃଙ୍ଖଳା ଦାୟିତ୍ୱ ରହିଥିବା ରୁ ପ୍ରତିଦିନ ବିଭିନ୍ନ ସମସ୍ୟା ଦେଖା ଦେଉ ଥିବା ଅଭିଯୋଗ ହେଉଛ। ସାହାରପଡା କେବଳ ଏକ ବ୍ଲକ ମୁଖ୍ୟାଳୟ ନୁହେଁ, ବରଂ ସମଗ୍ର ଅଞ୍ଚଳର ପ୍ରଶାସନିକ ଓ ଆର୍ଥିକ କେନ୍ଦ୍ରବିନ୍ଦୁ। ଏଠାରେ ବ୍ଲକ କାର୍ଯ୍ୟାଳୟ, ତହସିଲ, ବ୍ୟାଙ୍କ, ଡାକଘର, କୃଷି ବିଭାଗ, ଶିକ୍ଷା ବିଭାଗ, ସିଡିପିଓ କାର୍ଯ୍ୟାଳୟ, ମିଶନ ଶକ୍ତି କେନ୍ଦ୍ର, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା କାର୍ଯ୍ୟ କରୁଛି। ପ୍ରତିଦିନ ହଜାର ହଜାର ଲୋକ ବିଭିନ୍ନ କାର୍ଯ୍ୟରେ ଏଠାକୁ ଆସୁଥିଲେ ମଧ୍ୟ ସେହି ଅନୁପାତରେ ପୋଲିସ ବ୍ୟବସ୍ଥାର ସମ୍ପ୍ରସାରଣ ହୋଇନାହିଁ। ଆଦିବାସୀ ବହୁଳ ଏହି ଅଞ୍ଚଳରେ ସମୟ ସମୟରେ ଚୋରି, ଡକାୟତି, ମାରପିଟ, ସଡ଼କ ଦୁର୍ଘଟଣା ଓ ଅନ୍ୟାନ୍ୟ ଅପରାଧିକ ଘଟଣା ସାମ୍ନାକୁ ଆସୁଛି। କିନ୍ତୁ ସାହାରପଡା ଫାଣ୍ଡିରେ କର୍ମଚାରୀ ସଂଖ୍ୟା ସୀମିତ ଥିବାରୁ ପ୍ରତ୍ୟେକ ଘଟଣାରେ ତୁରନ୍ତ ପଦକ୍ଷେପ ନେବା ସମ୍ଭବ ହେଉନଥିବା କଥା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ସବୁଠାରୁ ବଡ଼ ସମସ୍ୟା ହେଉଛି ଦୂରତା। ପାଟଣା ଥାନା ସାହାରପଡା ଠାରୁ ପ୍ରାୟ ୧୫ରୁ ୨୦ କିଲୋମିଟର ଦୂରରେ




ଥିବାରୁ କୌଣସି ଜରୁରୀ ଘଟଣା ଘଟିଲେ ପୋଲିସ ପହଞ୍ଚିବାରେ ବିଳମ୍ବ ହେଉଛି।ଏହି ବିଳମ୍ବ ଅନେକ ସମୟରେ ପରିସ୍ଥିତିକୁ ଆହୁରି ଜଟିଳ କରିଦେଉଛି। ଏପରି ସ୍ଥିତିରେ ସାହାରପଡାରେ ସ୍ୱତନ୍ତ୍ର ଥାନା ଏବଂ ମାଛଗଡ଼ରେ ଏକ ଫାଣ୍ଡି ସ୍ଥାପନ କରାଗଲେ ସମଗ୍ର ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇପାରିବ ବୋଲି ମତ ପ୍ରକାଶ ପାଉଛି। ଏହା ସହ ସାହାରପଡା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥ ଅଞ୍ଚଳର ସୁରକ୍ଷା ଦୃଷ୍ଟିରୁ ମଧ୍ୟ ଥାନାର ଆବଶ୍ୟକତାକୁ ଅଧିକ ଗୁରୁତ୍ୱ ଦେଇଛ।

# ଯୁବପିଢୀ ପାଇଁ ଉଦାହରଣ ପାଲଟିଛନ୍ତି ସଫଳ ଚାଷୀ ରଞ୍ଜନ

ଦଶପଲ୍ଲା, (ମହାଭାରତ): ପରିସ୍ଥିତି ଯେତେ କଠିନ ହେଲେ ବି ହାର ନମାନି ନିଜ ମାଟିକୁ ଭଲ ପାଇ କିଛି କରିଦେଖାଇବାର ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି ରଞ୍ଜନ ପରିଡ଼ା। ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ର ଟାକରା ପଞ୍ଚାୟତର ଅନ୍ତର୍ଗତ ଗୋପାଳପୁର ଗ୍ରାମର ହରିହର ପରିଡ଼ାଙ୍କ ପୁଅ ରଞ୍ଜନ ପରିଡା (୨୯)ଆଜି ସମଗ୍ର ଅଞ୍ଚଳରେ ଜଣେ ଆଦର୍ଶ ଏବଂ ସଫଳ ଚାଷୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ୨୦୧୮ ମସିହାରେ +୩ (ସ୍ନାତକ) ପାଠ ଶେଷ କରିବା ପରେ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ରଞ୍ଜନ କେରଳ ଯାଇ କାର୍ଯ୍ୟ କରୁଥିଲେ। ମାତ୍ର ୨୦୨୦ ମସିହାରେ ବାପା ହରିହର ଏକ ସଡ଼କ ଦୁର୍ଘଟଣାରେ ଗୋଡ଼ରେ ଗୁରୁତର ଆଘାତ ପାଇବାରୁ ରଞ୍ଜନ ସବୁକିଛି ଛାଡ଼ି ଗାଁକୁ ଫେରିଆସିଥିଲେ। ସେହିଦିନ ସେ ନିଷ୍ପତ୍ତି ନେଇଥିଲେ ଯେ ବାହାରେ ଚାକିରି ନକରି ନିଜ ଜମିରେ ହିଁ ସ୍ୱାବଲମ୍ବୀ ହେବେ। ସେହିଦିନଠାରୁ ସେ ନିଷ୍ଠାର ସହ ଚାଷକାର୍ଯ୍ୟରେ ମନୋନିବେଶ କରିଥିଲେ। ଚଳିତ ବର୍ଷ ରଞ୍ଜନ ନିଜ ଜମିରେ ପ୍ରାୟ ୧୦ ହଜାର ବାଇଗଣ ଗଛ ଲଗାଇଛନ୍ତି। ଏହା ସହିତ କଲରା, ଲଙ୍କା, କାକୁଡ଼ି, ବରଗୁଡ଼ି, କଖାରୁ, ଜାହ୍ନି, ଭେଣ୍ଡି, ଗୁଆଁର ଓ ମକା ଆଦି ଚାଷ କରିଥାନ୍ତି। ବୈଜ୍ଞାନିକ ପଦ୍ଧତିରେ ଚାଷ, ସମୟାନୁବର୍ତ୍ତୀ ପରିଚର୍ଯ୍ୟା ଏବଂ ବଜାର ସହ ସିଧାସଳଖ ସମ୍ପର୍କ ଯୋଗୁଁ ତାଙ୍କର ଉତ୍ପାଦନ ଓ ଆୟ ଉଭୟ



ଯଥେଷ୍ଟ ବୃଦ୍ଧି ପାଇଛି। କମ୍ ଜମିରୁ ଅଧିକ ଲାଭ କେମିତି ମିଳିପାରିବ, ତାର ଜୀବନ୍ତ ଉଦାହରଣ ପାଲଟିଛନ୍ତି ରଞ୍ଜନ। ଧୈର୍ଯ୍ୟ, ପରିଶ୍ରମ ଓ ନୂଆ ପ୍ରଯୁକ୍ତିକୁ ଆପଣାଇଲେ ଚାଷ ବି ଏକ ସମ୍ମାନଜନକ ବୃତ୍ତି ହୋଇପାରିବ। ଚାକିରି ପାଇଁ ସହର ମୁହାଁ ନହୋଇ ନିଜ ମାଟିରେ ରହି ସ୍ୱାବଲମ୍ବୀ ହେବା ସମ୍ଭବ ବୋଲି ରଞ୍ଜନ ପ୍ରମାଣ କରିଦେଖାଇଛନ୍ତି। ସେ କେବଳ ନିଜେ ଚାଷ କରୁନାହାଁନ୍ତି, ବରଂ ଅନ୍ୟ ଚାଷୀମାନଙ୍କୁ ମଧ୍ୟ ଆବଶ୍ୟକ ପରାମର୍ଶ ଦେଇ ଉତ୍ସାହିତ କରୁଛନ୍ତି। ଟାକରା ଗାଁର ଏହି ସବୁଜ ଯୋଦ୍ଧାଙ୍କ ଉଦ୍ୟମ ଆଗାମୀ ଦିନରେ ଅଞ୍ଚଳର ଆହୁରି ଅନେକ ଯୁବକଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ପ୍ରେରଣା ଯୋଗାଇବ ବୋଲି ବୁଦ୍ଧିଜୀବୀ ମହଲରେ ଆଶା ପ୍ରକାଶ ପାଇଛି।

## ଇଣ୍ଡିଗୋ ବିମାନ କାର୍ଗୋରେ ଧୂଆଁ, ରାଜକୋଟ ବିମାନବନ୍ଦରରେ କଲା ଏମରଜେନ୍ସି ଲ୍ୟାଣ୍ଡିଂ




ନୂଆଦିଲ୍ଲୀ : ରାଜକୋଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏମଜେନ୍ସି ଲ୍ୟାଣ୍ଡିଂ କଲା ଇଣ୍ଡିଗୋ ବିମାନ । ବିମାନର କାର୍ଗୋ ହୋଲ୍ଡରୁ ଧୂଆଁ ବାହାରିବାରୁ ଏହି ସତର୍କତାମୂଳକ ପଦକ୍ଷେପ ନିଆଯାଇଥିବା ସୂଚନା ମିଳୁଛି । ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ବିମାନରୁ ଉଦ୍ଧାର କରାଯିବା ସହ ଧୂଆଁ ଲାଗିଥିବାର କାରଣ ସମ୍ପର୍କରେ ତଦନ୍ତ କରାଯାଉଛି ବୋଲି ଜଣାପଡିଛି । ସୂଚନାନୁଯାୟୀ, ଆଜି ବିମାନ ବିମାନଟି ଦୁବାଇରୁ ମୁମ୍ବାଇ ଅଭିମୁଖେ ଯାତ୍ରା କରିଥିଲା । ଇସକ୍ୱଭଙ୍କସ୍ପ ଇ୩୨୧ ବିମାନ, ଫ୍ଲାଇଟ୍ ନମ୍ବର ୬ଏଙ୍ଗ୧୪୫୨ ୧୯୪ ଜଣ ଯାତ୍ରୀଙ୍କୁ ନେଇ ଯାଉଥିଲା । ରାସ୍ତାରେ ବିମାନର କାର୍ଗୋ ହୋଲ୍ଡରେ ଧୂଆଁ ଲାଗିଥିବା ଦେଖିବାକୁ ମିଳିଥିଲା । ଫଳରେ ଯାତ୍ରୀ ସୁରକ୍ଷାକୁ ଦୃଷ୍ଟିରେ ରଖି ବିମାନବନ୍ଦର ଅଧିକାରୀମାନେ ଅପରାହ୍ନ ୨ଟା ୪୫ ମିନିଟରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ । ଅପରାହ୍ନ ୩ଟା ୨୭ ମିନିଟରେ ରାଜକୋଟର ହୀରାସର ବିମାନବନ୍ଦରରେ ସୁରକ୍ଷିତ ଭାବରେ ବିମାନଟି ଅବତରଣ କରିଥିଲା । ଏବେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି । ଅନ୍ୟପଟେ ଅବତରଣ ପରେ ଏକ ବୈଷୟିକ ଦଳ ବିମାନର ଯାଞ୍ଚ ଆରମ୍ଭ କରିଛନ୍ତି । କାର୍ଗୋ ହୋଲ୍ଡରେ ଧୂଆଁର କାରଣ ନିର୍ଣ୍ଣୟ କରିବା ପାଇଁ ବର୍ତ୍ତମାନ ପ୍ରୟାସ ଚାଲିଛି । ଅଗ୍ନିକାଣ୍ଡର ସମ୍ଭାବନା ଥିବାରୁ, ବିମାନବନ୍ଦରରେ ପୋଲିସ ଏବଂ ଅଗ୍ନିଶମ ବିଭାଗ ଦଳକୁ ମଧ୍ୟ ମୁତୟନ କରାଯାଇଥିଲା ।

# ଶାନ୍ତିପୂର୍ଣ୍ଣ ପ୍ରତିବାଦ ଅଧିକାରକୁ ଅସ୍ୱୀକାର କରିହେବ ନାହିଁ କହିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ଶାନ୍ତିପୂର୍ଣ୍ଣ ପ୍ରତିବାଦର ଅଧିକାର ଏକ ସାମ୍ବିଧାନିକ ଗ୍ୟାରେଣ୍ଟି ଯାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ ବୋଲି ଆଜି ସୁପ୍ରିମକୋର୍ଟ କହିଛନ୍ତି । ଏହି ଶାନ୍ତିପୂର୍ଣ୍ଣ ପ୍ରତିବାଦ ପାଇଁ ଏକ ଦେଶବ୍ୟାପୀ ପ୍ରୋଟୋକଲ୍ ପ୍ରସ୍ତୁତ କରିବା ବିଷୟରେ ବିଚାର କରିବ ବୋଲି କୋର୍ଟ ସୂଚିତ କରିଛନ୍ତି । ଏହି ପ୍ରୋଟୋକଲ୍ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପାଇଁ ଉପଯୁକ୍ତ ସ୍ଥାନ ପ୍ରଦାନ କରିବା ଉଚିତ ଏବଂ ଅସାମାଜିକ ତତ୍ତ୍ୱମାନଙ୍କ ସହିତ ମୁକାବିଲା କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ସୁବିଧା ଯୋଗାଇବା ଉଚିତ ବୋଲି ମଧ୍ୟ କୋର୍ଟ କହିଛନ୍ତି । ପୋଲିସର ଅତ୍ୟଧିକ ବ୍ୟବହାର ଅଭିଯୋଗ ଆଗତ ଆବେଦନର ଶୁଣାଣି ସମୟରେ ଏହି ମନ୍ତବ୍ୟ ଦିଆଯାଇଥିଲା । ଏହି ଅଭିଯୋଗଗୁଡ଼ିକରେ ଘରରଞ୍ଜ-ଟଏ ପେପର୍ ଲିକ୍



ବିରୋଧରେ ପ୍ରତିବାଦ କରୁଥିବା ଛାତ୍ରମାନଙ୍କ ଉପରେ ଲାଠିଚାର୍ଜ ଏବଂ ଲୁହବୁହା ଗ୍ୟାସ୍ ବ୍ୟବହାର ଏବଂ ଶିକ୍ଷା ଏବଂ ପରୀକ୍ଷା ବ୍ୟବସ୍ଥାରେ ଅନ୍ୟାନ୍ୟ ଅନିୟମିତତା ସାମିଲ ରହିଛି । ଏହି ପ୍ରସଙ୍ଗକୁ ଦେଶବ୍ୟାପୀ ସ୍ତରରେ ବିଚାର କରାଯିବା ଉଚିତ୍ ବୋଲି ଭାରତର ମୁଖ୍ୟ ବିଚାରପତି (ଉଔଓ) ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚି ଏବଂ ଭି.ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ କହିଛନ୍ତି ।

ସୂଚନାନୁଯାୟୀ, ସିଜେଆଇ କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ପ୍ରତିବାଦର ଅଧିକାର ସମ୍ବିଧାନରେ ସାମିଲ । ଶାନ୍ତିପୂର୍ଣ୍ଣ ପ୍ରତିବାଦର ଅଧିକାର ସମ୍ପୂର୍ଣ୍ଣ ସୁନିଶ୍ଚିତ, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ । କେବଳ ଆନ୍ଦୋଳନ ହେତୁ, ପୋଲିସର ଅତ୍ୟଧିକ କାର୍ଯ୍ୟକୁ ଯଥାର୍ଥ କରାଯାଇପାରିବ ନାହିଁ । ତଥାପି, କୋର୍ଟ ପ୍ରତିବାଦ ସମୟରେ ପୋଲିସ କର୍ମଚାରୀଙ୍କ ଉପରେ ଆକ୍ରମଣ ଅଭିଯୋଗ ଉପରେ ମଧ୍ୟ ଚିନ୍ତା ପ୍ରକାଶ କରିଥିଲେ । ଏଥିସହ ସିଜେଆଇ କହିଛନ୍ତି ଯେ, ସାରା ଦେଶରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପାଇଁ ଏକ ପ୍ରୋଟୋକଲ୍ ରହିବା ଉଚିତ୍ । ଯେତେବେଳେ କେହି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିବାକୁ ଚାହାଁନ୍ତି ସେତେବେଳେ ଏକ ପ୍ରୋଟୋକଲ୍ ରହିବା ଉଚିତ୍ । ଏହି ମାମଲାରେ କୌଣସି ବାଧା ନାହିଁ । ଅନ୍ୟପଟେ କୋର୍ଟ ଆହୁରି କହିଛନ୍ତି ଯେ, ସାରା ଦେଶରେ ଏହି ପ୍ରସଙ୍ଗରେ ଏକ ସମାନ ଆଭିମୁଖ୍ୟ ଆବଶ୍ୟକ ଏବଂ ସମାନତା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ମାର୍ଗଦର୍ଶିକା ପ୍ରତିଷ୍ଠା କରିବା । ଏହି ମାମଲାର ପରବର୍ତ୍ତୀ ଶୁଣାଣି ମଙ୍ଗଳବାର ହେବ ।

## ନୀତିନ ଗଡକରୀଙ୍କ ବଡ଼ ବିଜୟ

ମୁମ୍ବାଇ: କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କୁ ସୋସିଆଲ ମିଡିଆ ପ୍ଲାଟଫର୍ମ ମେଟା, ଏକ୍ସ, ଗୁଗୁଲ ଏବଂ ଅନ୍ୟମାନଙ୍କ ବିରୋଧରେ ଏକ ଦେୱାନୀ ମାମଲା ଦାୟର କରିବାକୁ ଅନୁମତି ମିଳିଛି । ଏହି ମାମଲାଟି ଏଆଇ-ଜେନେରେଟେଡ୍ ଡିପ୍ ଫେକ୍ ଭିଡିଓ ଏବଂ ତାଙ୍କୁ ବଦନାମ କରିବା ପାଇଁ ଡିଜିଟାଲ୍ କଣ୍ଟେଣ୍ଟ ତିଆରି ସହିତ ଜଡିତ । ଏହି ମାମଲାଟି ଇଥାନଲ୍ ମିଶ୍ରଣ ପଦକ୍ଷେପ ସହିତ ମଧ୍ୟ ଜଡିତ, ଯାହା ଦେଶରେ ଏବେ ଏକ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ପାଲଟିଛି । ରିପୋର୍ଟ ଅନୁଯାୟୀ, ସୋମବାର ବମ୍ବେ ହାଇକୋର୍ଟର ବିଚାରପତି ଅଭୟ ଆହୁଜାଙ୍କ ଖଣ୍ଡପୀଠ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କୁ ଅନୁମତି ପ୍ରଦାନ କରିଛନ୍ତି । ହାଇକୋର୍ଟ ପରେ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ପାଇଁ ତାଙ୍କର ଆବେଦନର ଶୁଣାଣି କରିବେ, ଯେଉଁଥିରେ ତୁରନ୍ତ ନିଷେଧ ଏବଂ ବିଷୟବସ୍ତୁ ଅପସାରଣ ମାମଲା ଅନ୍ତର୍ଭୁକ୍ତ ରହିଛି ।

# ରାମ ମନ୍ଦିର ଦାନ ଚୋରି ମାମଲାର ତଦନ୍ତ ପାଇଁ ଏସଆଇଟି ଗଠନ, ଦଳରେ ସାମିଲ ହେଲେ ୪ ସଦସ୍ୟ

ଉତ୍ତରପ୍ରଦେଶ : ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାର ତଦନ୍ତ ପାଇଁ ଏକ ଏସଆଇଟି ଦଳ ଗଠନ କରାଯାଇଛି । ଉତ୍ତର ପ୍ରଦେଶର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏହି ସୂଚନା ପ୍ରଦାନ କରିଛନ୍ତି । ଦାନ ଚୋରି ମାମଲାର ଅଧିକ ତଦନ୍ତ ପାଇଁ ଏସଆଇଟି ଗଠନ କରାଯାଇଛି ବୋଲି ସେ ସୁପ୍ରିମକୋର୍ଟଙ୍କୁ ସୂଚନା ଦେଇଛନ୍ତି । ସୂଚନାନୁଯାୟୀ, ଦାନ ବାକ୍ସ ଚୋରି ମାମଲା ପାଇଁ ଏହି ତଦନ୍ତ ଦଳରେ ୪ ଜଣ ସଦସ୍ୟ ଥିବା ଜଣାପଡିଛି । ଇନ୍ସପେକ୍ଟର ଜେନେରାଲ କିରଣ ଏସ୍ ତଦନ୍ତ ଦଳର ମୁଖ୍ୟ ଥିବାବେଳେ ଡିଆଇଜି ଏବଂ ଏସପି ର୍ୟାଙ୍କର ଦୁଇଜଣ ପୋଲିସ ଅଧିକାରୀ ସାମିଲ ଅଛନ୍ତି । ଏଥିସହ ଏହି ତଦନ୍ତ ଦଳରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ମଧ୍ୟ ସାମିଲ



କରାଯାଇଛି । ଅନ୍ୟପଟେ ରାମ ମନ୍ଦିର ଦାନ ଚୋରି ମାମଲାର ସୁପ୍ରିମକୋର୍ଟ ଶୁଣାଣି ସମୟରେ, ଉତ୍ତର ପ୍ରଦେଶ ସରକାର କହିଥିଲେ ଯେ, ଏସଆଇଟି ଦଳ ଜୁଲାଇ ୨୫ ତାରିଖରେ ଗଠନ କରାଯାଇଥିଲା । ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଏସଜି ମେହେଟା, ରାମ ମନ୍ଦିର ଦାନ ଚୋରି ମାମଲାର ତଦନ୍ତ ପାଇଁ ଏସଆଇଟିରେ ଜଣେ ଫୋରେନସିକ୍ ଅଡିଟରଙ୍କୁ ସାମିଲ କରିବା ପାଇଁ ସୁପ୍ରିମକୋର୍ଟଙ୍କ ପରାମର୍ଶ ସହିତ ସହମତ ହୋଇଥିଲେ । ନୂତନ ଏସଆଇଟି ଦୁଇ ସପ୍ତାହ ମଧ୍ୟରେ ଏକ ସ୍ଥିତି ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

# ଗାଈକୁ ବଞ୍ଚାଇବାକୁ ଯାଇ ୩ ମୃତ ଓ ୮ ଆହତ

ହାପୁର : ଉତ୍ତରପ୍ରଦେଶ ହାପୁର ଜିଲ୍ଲାର ଭଢ କୋତବାଲୀ ଅଞ୍ଚଳରେ ଦିଲ୍ଲୀ-ଲକ୍ଷ୍ନୌ ହାଇୱେରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ହାପୁରର ସାୟାନା ଚୌପଲା ନିକଟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ଏହି ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲାବେଳେ ୮ ଜଣ ଆହତ ହୋଇଛନ୍ତି । ଗୋଟିଏ ଗାଈକୁ ବଞ୍ଚାଇବାକୁ ଯାଇ ଏକ ସ୍କର୍ପିଓ ଗାଡ଼ି ହଠାତ୍ ନିୟନ୍ତ୍ରଣ ହରାଇ ଓଲଟି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଥିଲା । ସୂଚନାନୁଯାୟୀ, ଦିଲ୍ଲୀରୁ ବିଜନୌର ଯାଉଥିବା ଏକ ସ୍କୋର୍ପିଓ କାର ହଠାତ୍ ଏକ ଗାଈ ସହିତ ଧକ୍କା ହୋଇଥିଲା ।



ଗାଈକୁ ବଞ୍ଚାଇବାକୁ ଯାଇ ସ୍କୋର୍ପିଓ ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା । ରାସ୍ତାର ଅନ୍ୟ ଦିଗରୁ ବିଜନୌରରୁ ଦିଲ୍ଲୀ ଯାଉଥିବା ଆଉ ଏକ କାର ସହ ଧକ୍କା ହୋଇଥିଲା । ଜଣେ ସ୍କୁଟର ଆରୋହୀ ମଧ୍ୟ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଫଳରେ ଏହି ଦୁର୍ଘଟଣାରେ ୩ ଜଣଙ୍କର ଅତ୍ୟନ୍ତ ଦୁଃଖଦ ମୃତ୍ୟୁ ଘଟିଥିଲା ଓ ୮ ଜଣ ଆହତ ହୋଇଥିଲେ । ଅନ୍ୟପଟେ ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏଥିସହ ମୃତକଙ୍କୁ ଚିହ୍ନଟ କରି ସେମାନଙ୍କ ପରିବାରକୁ ସୂଚନା ଦେଇଛନ୍ତି । ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ପୋଲିସ ।

## ହସ୍ପିଟାଲରୁ ଡିସଚାର୍ଜ ହେଲେ ସୋନମ ୱାଙ୍ଗଚୁକ୍, ବାପୁଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଲଦାଖ ଫେରିଯିବେ କହିଲେ

ନୂଆଦିଲ୍ଲୀ : ନିଟ୍ ପେପର୍ ଲିକ୍ ମାମଲାକୁ ନେଇ ଅନଶନରେ ବସିଥିବା କର୍ମୀ ସୋନମ ୱାଙ୍ଗଚୁକଙ୍କୁ ଆଜି ମେଦାନ୍ତ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି । ସେ ପେପର୍ ଲିକ୍ ମାମଲାକୁ ନେଇ ସେ ୨୬ ଦିନ ଧରି ଅନଶନ କରିଥିଲେ । ସରକାର ୱାଙ୍ଗଚୁକଙ୍କ ସମସ୍ତ ଦାବି ଗ୍ରହଣ କରିବା ପରେ ୨୪ ଜୁଲାଇ ବିଳମ୍ବିତ ରାତିରେ ଅନଶନ ସମାପ୍ତ କରିଥିଲେ । ସୋନମ ୱାଙ୍ଗଚୁକଙ୍କର ଅନଶନ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ହସ୍ପିଟାଲରେ ଭାଙ୍ଗିଥିଲେ । ସୂଚନାନୁଯାୟୀ, ସୋନମ ୱାଙ୍ଗଚୁକ ହସ୍ପିଟାଲରେ ଡିସଚାର୍ଜ ହେବା ପରେ ସେ ସିଧା ରାଜଘାଟ ଅଭିମୁଖେ ଯାତ୍ରା କରିଛନ୍ତି ଏବଂ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବେ । ଜୁନ୍ ୨୮ ତାରିଖରେ ତାଙ୍କର ଅନଶନ ଆରମ୍ଭ କରିବା ପୂର୍ବରୁ ସୋନମ୍ ୱାଙ୍ଗଚୁକ ମଧ୍ୟ ସେହି ସ୍ଥାନ ପରିଦର୍ଶନ କରିଥିଲେ । ଛାତ୍ରମାନଙ୍କ ସମର୍ଥନରେ ଜନ୍ତରମନ୍ତରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ଆରମ୍ଭ କରିବା ପୂର୍ବରୁ ସେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ରାଜଘାଟରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପରେ ସୋନମ ୱାଙ୍ଗଚୁକ୍ ଲଦାଖ ଅଭିମୁଖେ ଯାତ୍ରା କରିବେ ବୋଲି ସୂଚନା ମିଳିଛି । ଅନ୍ୟପଟେ ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲ କହିଛି ଯେ, ସୋନମ ୱାଙ୍ଗଚୁକଙ୍କୁ ଆଜି ଡିସଚାର୍ଜ କରାଯାଇଛି । ମେଦାନ୍ତର ସମନ୍ୱିତ ମଲ୍ଟି-ସ୍ପେଶାଲିଟି କେୟାର ମାନକ ଅନୁଯାୟୀ, ତାଙ୍କୁ ଇଣ୍ଟରନାଲ ମେଡିସିନ୍, କ୍ରିଟିକାଲ୍ କେୟାର ଏବଂ ସମ୍ବନ୍ଧିତ ସ୍ପେଶାଲିଟିଜ୍ ସହିତ ଜଡିତ ଏକ ସମନ୍ୱିତ ପ୍ରୋଟୋକଲ୍ ଅଧୀନରେ ଚିକିତ୍ସା କରାଯାଇଥିଲା । ଡିସଚାର୍ଜ ସମୟରେ ତାଙ୍କର ଅବସ୍ଥା ସ୍ଥିର ରହିଥିଲା ଏବଂ ତାଙ୍କୁ ଜଣେ ବାହ୍ୟ ରୋଗୀ ଭାବେ ନିୟମିତ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି ।

## ଫୁଡ୍ ଫେଷ୍ଟିଭାଲରେ ଫୁଟିଲା ଗୁଳି, ଜୀବନ ବଞ୍ଚାଇ ଦୌଡ଼ିଲେ ଲୋକେ

ନୂଆଦିଲ୍ଲୀ: ଆମେରିକାର ସିଆଟଲ ସହରରେ ଚାଲିଥିବା ଏକ ଫୁଡ୍ ଫେଷ୍ଟିଭାଲରେ ଗୁଳିକାଣ୍ଡ ଘଟିଛି । ଏହି ଘଟଣାରେ ଅତି କମରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଆହତ ହୋଇଛନ୍ତି ।ଆମେରିକାର ସିଆଟଲ ସହରରେ ଚାଲିଥିବା ଏକ ଫୁଡ୍ ଫେଷ୍ଟିଭାଲରେ ଗୁଳିକାଣ୍ଡ ଘଟିଛି । ଏହି ଘଟଣାରେ ଅତି କମରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଆହତ ହୋଇଛନ୍ତି । ଘଟଣାଟି ସହରର ପ୍ରସିଦ୍ଧ ସ୍ପେସ୍ ନିଡଲ୍ ନିକଟରେ ଘଟିଛି । ଏହି ଗୁଳିକାଣ୍ଡରେ କାହାକୁ ଗିରଫ କରାଯାଇଛି କି ନାହିଁ, ସେନେଇ ପୋଲିସ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିନାହିଁ । ସିଆଟଲ ପୋଲିସ ସୋସିଆଲ ମିଡିଆରେ କହିଛି ଯେ, ଘଟଣାର ତଦନ୍ତ ଚାଲିଛି । ଅନେକ ଲୋକ ଗୁଳିରେ ଆହତ ହୋଇଛନ୍ତି । ସାଧାରଣ




ଲୋକଙ୍କୁ ଘଟଣାସ୍ଥଳକୁ ନ ଯିବାକୁ ପରାମର୍ଶ ଦିଆଯାଇଛି । ସ୍ଥାନୀୟ ସମୟ ସନ୍ଧ୍ୟା ପ୍ରାୟ ୬ଟାରେ ସିଆଟଲ ସେଣ୍ଟରରେ ଚାଲିଥିବା ବାଇଟ୍ ଅଫ୍ ସିଆଟଲ ଫୁଡ୍ ଫେଷ୍ଟିଭାଲ ସମୟରେ ହଠାତ୍ ଗୁଳି ଫୁଟିଥିଲା । ଆହତମାନଙ୍କୁ ତୁରନ୍ତ ହାର୍ବରଭ୍ୟୁ ମେଡିକାଲ ସେଣ୍ଟରକୁ ଚିକିତ୍ସା ପାଇଁ ପଠାଯାଇଛି । ଏହି ଫେଷ୍ଟିଭାଲରେ ଶହ ଶହ ସ୍ଥାନୀୟ ଖାଦ୍ୟ ଦୋକାନ ଏବଂ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିଲା । ସେହି ସମୟରେ ଗୁଳିକାଣ୍ଡ ଘଟିବାରୁ ଲୋକମାନଙ୍କ ମଧ୍ୟରେ ଭୟ ଖେଳିଯାଇଥିଲା । ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଭିଡିଓରେ ଗୁଳିର ଶବ୍ଦ ଶୁଣିବା ପରେ ଲୋକମାନେ ଜୀବନ ବଞ୍ଚାଇବା ପାଇଁ ଏପଟ ସେପଟ ଦୌଡୁଥିବା ଦେଖିବାକୁ ମିଳିଛି । ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି, ପୂର୍ବରୁ ହିଁ ଫେଷ୍ଟିଭାଲରେ ବହୁତ ଭିଡ଼ ଥିଲା । ଗୁଳି ଚାଲିବା ପରେ ଲୋକମାନେ ଦୌଡ଼ିବା ଆରମ୍ଭ କରିଥିଲେ ଏବଂ ଅନେକ ଲୋକ ପରସ୍ପର ଉପରେ ପଡ଼ିଯାଇଥିଲେ ।

## ଟ୍ରମ୍ପଙ୍କ ବଡ଼ ଘୋଷଣା, ୫%ରୁ ଅଧିକ କମିଲା ତୈଳ ଦର

ନୂଆଦିଲ୍ଲୀ: ସୋମବାର ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଦର ୫ ପ୍ରତିଶତରୁ ଅଧିକ କମିଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ହେଉଥିବା ଆକ୍ରମଣକୁ ସାମୟିକ ଭାବେ ବନ୍ଦ କରିବା ପରେ ଏହି ପରିବର୍ତ୍ତନ ଦେଖାଯାଇଛି । ଏଥିରୁ ଦୁଇ ଦେଶ ମଧ୍ୟରେ ଆଲୋଚନା ମାଧ୍ୟମରେ ସମାଧାନ ବାହାରିପାରେ ବୋଲି ଆଶା ବଢ଼ିଛି । ଏହା ସହିତ ହର୍ମୁଜ୍ ଜଳସନ୍ଧି ଦେଇ ପୁଣି ସାଧାରଣ ଭାବେ ତୈଳ ପରିବହନ ଆରମ୍ଭ ହେବ ବୋଲି ମଧ୍ୟ ଆଶା କରାଯାଉଛି । ଏହା ପୂର୍ବରୁ ଆମେରିକା ଓ ଇରାନ ମଧ୍ୟରେ ସାମରିକ ସଂଘର୍ଷ ବଢ଼ିବାରୁ ତୈଳ ଦର ୧୦୦ ଡଲାର ପ୍ରତି ବ୍ୟାରେଲରୁ ଅଧିକକୁ ବଢ଼ିଯାଇଥିଲା । ହର୍ମୁଜ୍ ଜଳସନ୍ଧି ଦେଇ ତୈଳ ରପ୍ତାନି ବାଧାପ୍ରାପ୍ତ ହୋଇପାରେ ବୋଲି ଆଶଙ୍କା ଥିବାରୁ ଦର ବେଶି ବଢ଼ିଥିଲା । ହର୍ମୁଜ୍ ଜଳସନ୍ଧି ଦୁନିଆର ସବୁଠୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ମଧ୍ୟରୁ ଗୋଟିଏ । ବିଶ୍ୱର ବହୁ ପରିମାଣର ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ ଏହି ମାର୍ଗ ଦେଇ ପରିବହନ ହୁଏ । ଏଠାରେ ଦୀର୍ଘ ସମୟ ଧରି ସମସ୍ୟା ଲାଗି ରହିଲେ ବିଶ୍ୱର ଇନ୍ଧନ ଯୋଗାଣ, ଦରଦାମ ଏବଂ ଅର୍ଥନୀତି ଉପରେ ବଡ଼ ପ୍ରଭାବ ପଡ଼ିପାରେ । ଆମେରିକା ଓ ଇରାନ ମଧ୍ୟରେ ସଂଘର୍ଷ ଆଉ ବଢ଼ିବ ନାହିଁ ବୋଲି ସଙ୍କେତ ମିଳିବା ପରେ ନିବେଶକଙ୍କ ମନରେ ଆଶ୍ୱସ୍ତି ଦେଖାଯାଇଛି । ଜାତିସଂଘରେ ଆମେରିକାର ରାଜଦୂତ ମାଇକ୍ ୱାଲ୍‌ଟଜ୍ କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ ଆଲୋଚନାକୁ ସୁଯୋଗ ଦେଉଛନ୍ତି । ପରିସ୍ଥିତିକୁ ଦେଖିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ।

# ଭାରତୀୟ ଥିବା ଜାହାଜ ଉପରେ ଆକ୍ରମଣ: ୟୁକ୍ରେନ ରାଷ୍ଟ୍ରଦୂତଙ୍କୁ ଭାରତର ସମନ୍

ନୂଆଦିଲ୍ଲୀ:ୟୁକ୍ରେନର ଓଡେସା ବନ୍ଦର ନିକଟରେ ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ପରେ ବିଦେଶ ମନ୍ତ୍ରଣାଳୟ ସୋମବାର ଭାରତରେ ଅବସ୍ଥାପିତ ୟୁକ୍ରେନର ରାଷ୍ଟ୍ରଦୂତ ଡ. ଓଲେକଜାଣ୍ଡର ପୋଲିଶଚୁକଙ୍କୁ ସମନ ଜାରି କରିଛି । ଏହି ଜାହାଜରେ ୪ ଜଣ ଭାରତୀୟ ନାଗରିକ ଥିଲେ । ଶନିବାର କୃଷ୍ଣସାଗରରେ ଓଡେସା ବନ୍ଦର ନିକଟରେ ଏମ୍ଭି ଏଜିଏନ୍ ରାଗନାର ଉପରେ ଆକ୍ରମଣ ହୋଇଥିଲା । ୨୦୨୨ରେ ରୁଷ୍-ୟୁକ୍ରେନ୍ ବିବାଦ ଆରମ୍ଭ ହେବା ପରଠାରୁ କୃଷ୍ଣସାଗରରେ ବାରମ୍ବାର ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ହେଉଛି । ଜୁଲାଇ ୧୮ ତାରିଖରେ ବାଣିଜ୍ୟିକ ଜାହାଜ ଏମ୍ଭି ଓମୋର୍ଫି ଉପରେ ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କର ମୃତ୍ୟୁ ଘଟିଥିବା ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ସାମୁଦ୍ରିକ ନୌ ସୁରକ୍ଷା, ନୌଚାଳନା ସ୍ୱାଧୀନତା ଓ ଅନ୍ତର୍ଜାତୀୟ ବାଣିଜ୍ୟ ଉପରେ ଆକ୍ରମଣର ପ୍ରତିକୂଳ ପ୍ରଭାବକୁ ଗୁରୁତ୍ୱ ଦେଇ ମନ୍ତ୍ରଣାଳୟ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରିବା ସହିତ କଠୋର ଶବ୍ଦରେ ଘଟଣାର ନିନ୍ଦା କରିଛି । ବାଣିଜ୍ୟିକ ଜାହାଜକୁ ଟାର୍ଗେଟ କରିବା ନେଇ ଭାରତର ଦୃଢ଼ ଚିନ୍ତାକୁ ୟୁକ୍ରେନ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ରାଷ୍ଟ୍ରଦୂତଙ୍କୁ ଅନୁରୋଧ କରାଯାଇଥିଲା । ୟୁକ୍ରେନସ୍ଥିତ ଭାରତୀୟ ଦୂତାବାସ କହିଛି ଯେ, ୪ ଭାରତୀୟ ନାବିକଙ୍କ ମଧ୍ୟରେ ଦୁଇଜଣ ସଦସ୍ୟ ସୁରକ୍ଷିତ ଅଛନ୍ତି ଓ ଦୁଇ ଜଣ ସମ୍ପର୍କରେ ସୂଚନାକୁ ଅପେକ୍ଷା କରାଯାଉଛି ।

# ରାହୁଲଙ୍କ 'ଏକେ-୪୭ ଗୁଳିଚାଳନା' ଅଭିଯୋଗକୁ ନେଇ ରାଜନୀତି ତେଜିଲା, ବିଜେପି କହିଲା 'ମିଛ ପ୍ରଚାର'

ନୂଆଦିଲ୍ଲୀ: ବିହାରରେ ନିଟ୍ ପେପର ଲିକ୍ ବିରୋଧୀ ଛାତ୍ର ଆନ୍ଦୋଳନ ସମୟରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ସୋମବାର କେନ୍ଦ୍ର ସରକାର ଓ ବିରୋଧୀ କଂଗ୍ରେସ ମଧ୍ୟରେ ବାଗ୍‌ଯୁଦ୍ଧ ତୀବ୍ର ହୋଇଛି । ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ 'ଏକେ-୪୭ରୁ ଗୁଳି' ଚଳାଇଛି । ଅନ୍ୟପକ୍ଷରେ ବିଜେପି ଏହି ଦାବିକୁ ସମ୍ପୂର୍ଣ୍ଣ ମିଛ ଓ ଭିତ୍ତିହୀନ ବୋଲି କହି ରାହୁଲ ଗାନ୍ଧୀ ଲୋକଙ୍କୁ ଭ୍ରମିତ କରାଉଥିବା ଅଭିଯୋଗ ଆଣିଛି ।



ସଂସଦ ପରିସରରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତାବେଳେ ରାହୁଲ ଗାନ୍ଧୀ କହିଥିଲେ, ବିହାରରେ ଛାତ୍ରମାନେ ନିଜ ଅଧିକାର ପାଇଁ ଆନ୍ଦୋଳନ କରୁଥିବାବେଳେ ସେମାନଙ୍କ ଉପରେ ଲାଠିଚାର୍ଜ କରାଯାଇଛି ଏବଂ ଏକେ-୪୭ରୁ ଗୁଳି ଚଳାଯାଇଛି । ଛାତ୍ରମାନଙ୍କ ସ୍ୱରକୁ ଦମନ କରିବା ପାଇଁ ସରକାର ବଳପ୍ରୟୋଗ କରୁଥିବା ସେ ଅଭିଯୋଗ କରିଥିଲେ । ପେପର ଲିକ୍ ଘଟଣାରେ ପୀଡ଼ିତ ଯୁବପିଢ଼ିଙ୍କ ସହ କଂଗ୍ରେସ ରହିବ ବୋଲି ମଧ୍ୟ ସେ କହିଥିଲେ ।

ରାହୁଲଙ୍କ ଏହି ମନ୍ତବ୍ୟ ପରେ ବିଜେପି ତୁରନ୍ତ ପ୍ରତିକ୍ରିୟା ଦେଇଥିଲା । ଦଳର ଜାତୀୟ ମୁଖପାତ୍ର ସମ୍ବିତ୍ ପାତ୍ର କହିଥିଲେ, ବିହାରରେ ଏକେ-୪୭ରୁ ଗୁଳି ଚଳାଯାଇଥିବାର କୌଣସି ପ୍ରମାଣ ନାହିଁ । ରାହୁଲ ଗାନ୍ଧୀ ଜାଣିଶୁଣି ଭୁଲ୍ ସୂଚନା ପ୍ରଚାର କରି ଦେଶରେ ଅସ୍ଥିରତା ସୃଷ୍ଟି କରିବା ଓ ଛାତ୍ର ଆନ୍ଦୋଳନକୁ ଆହୁରି ଉସ୍‌କାଇବାକୁ ଚେଷ୍ଟା କରୁଛନ୍ତି । ବିଜେପି ନେତା କହିଥିଲେ, ଛାତ୍ର ଆନ୍ଦୋଳନ ସମୟରେ ପୁଲିସ ପରିସ୍ଥିତି ନିୟନ୍ତ୍ରଣ ପାଇଁ ସାଧାରଣ ଆଇନଗତ ବ୍ୟବସ୍ଥା ଗ୍ରହଣ କରିଥିଲା । ଏକେ-୪୭ ଭଳି ସ୍ୱୟଂଚାଳିତ ରାଇଫଲ ବ୍ୟବହାର କରାଯାଇଥିବା କଥା ସମ୍ପୂର୍ଣ୍ଣ କଳ୍ପିତ ଏବଂ ଦେଶବାସୀଙ୍କୁ ବିଭ୍ରାନ୍ତ କରିବା ପାଇଁ ଏଭଳି ମନ୍ତବ୍ୟ ଦିଆଯାଇଛି । ଏପଟେ ବିହାରରେ ପେପର ଲିକ୍ ପ୍ରସଙ୍ଗ ଓ ଛାତ୍ର ଆନ୍ଦୋଳନକୁ ନେଇ ରାଜନୈତିକ ପରିବେଶ ଉତ୍ତପ୍ତ ରହିଛି । ସଂସଦର ମୌସୁମୀ ଅଧିବେଶନରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିଥିବାବେଳେ କେନ୍ଦ୍ର ସରକାର ପେପର ଲିକ୍ ରୋକିବା ପାଇଁ କଠୋର ଆଇନ ଆଣିବାକୁ ପଦକ୍ଷେପ ନେଇଥିବା କହିଛନ୍ତି ।

# ଭାରତକୁ ଆଉ ଦୁଇ ରୌପ୍ୟ, ପଦକ ସଂଖ୍ୟା ୫କୁ ବୃଦ୍ଧି



## ରାଜା ଓ ଜ୍ଞାନେଶ୍ୱରୀଙ୍କୁ ରୌପ୍ୟ, ଭାରତର ପଦକ ସଂଖ୍ୟା୫କୁ ବୃଦ୍ଧି




ଗ୍ଲାସଗୋ, ୨୭।୭: ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତକୁ ଆଉ ଦୁଇଟି ପଦକ ମିଳିଚି। ରୌପ୍ୟ ଜିତିଲେ ଜ୍ଞାନେଶ୍ୱରୀ ଓ ରାଜା। ସ୍ନାଚରେ ଜ୍ଞାନେଶ୍ୱରୀ ୮୮ କେଜି ଉଠାଇ ଥିଲେ। ହେଲେ ଦିଧି ୯୩ କେଜି ଉଠାଇ ରାଜେଶ୍ୱରୀକୁ ପଛରେ ପକାଇ ଦେଇଥିଲେ। କ୍ଲିନ ଆଣ୍ଡ ଜର୍କରେ ଉଭୟଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା। ଭାରତର ରାଜା ମୁଥୁପାଣ୍ଡି ପୁରୁଷ ୬୫ କିଗ୍ରା ଭାରୋତ୍ତୋଳନ (ୱେଟଲିଫ୍ଟିଂ) ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ସେ ସ୍ନାଚ୍‌ରେ ୧୨୬ କିଗ୍ରା ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୬୦ କିଗ୍ରା ଭାର ଉଠାଇ ମୋଟ ୨୮୬ କିଗ୍ରା ସହ ଏହି ସଫଳତା ହାସଲ କରିଛନ୍ତି। ଅନ୍ୟପଟେ ମାଲେସିଆର ଅଜନିଲ ବିଦିନ ମୋଟ ୨୯୯ କିଗ୍ରା ଭାର ଉଠାଇ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ନୂଆ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ରଷିକାନ୍ତ ସିଂହ ଚାନାମ୍ବାମଙ୍କ ରୌପ୍ୟ ଏବଂ ମୀରାବାଈ ଚାନୁଙ୍କ ଐତିହାସିକ ସ୍ୱର୍ଣ୍ଣ ପଦକ ପରେ ଏହା ଭାରତ ପାଇଁ ତୃତୀୟ ଭାରୋତ୍ତୋଳନ ପଦକ ଥିଲା। ଏହାସହ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ମୋଟ ପଦକ ସଂଖ୍ୟା ୪ (୧ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୧ଟି କାଂସ୍ୟ)କୁ ବୃଦ୍ଧି ପାଇଛି।

ରାଜା ଏକ ଗମ୍ଭୀର ଚୋଟ (କ୍ୟାରିୟର ଶେଷ କରିଦେବା ଭଳି ଆଘାତ)ର ଶିକାର ହୋଇଥିଲେ, ହେଲେ ସେ ସବୁକୁ ଅତିକ୍ରମ କରି ଭାରତର ଜଣେ ପ୍ରମୁଖ ଭାରୋତ୍ତୋଳକ (ୱେଟଲିଫ୍ଟର) ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ୨୦୨୫ ମସିହାରେ ଅହମ୍ମଦାବାଦଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନସିପ୍‌ରେ ରୌପ୍ୟ ପଦକ ଜିତିବା ପରେ ତାଙ୍କ କ୍ୟାରିୟରରେ ଏକ ବଡ଼ ମୋଡ଼ ଆସିଥିଲା। ସେଠାରେ ସେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ମୋଟ ୨୯୬ କିଗ୍ରା (୧୨୮ କିଗ୍ରା ସ୍ନାଚ୍ + ୧୬୮ କିଗ୍ରା କ୍ଲିନ୍ ଆଣ୍ଡ ଜର୍କ) ଭାର ଉଠାଇ ସମସ୍ତଙ୍କୁ ପ୍ରଭାବିତ କରିଥିଲେ।

ନରୱେର ଫୋର୍ଡେଠାରେ ଅନୁଷ୍ଠିତ ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନସିପ୍‌ର ୬୫ କିଗ୍ରା ବର୍ଗରେ ତାମିଲନାଡୁର ଏହି ୨୭ ବର୍ଷୀୟ ଆଥଲେଟ୍ ବେଶ୍ ପ୍ରଭାବଶାଳୀ ପ୍ରଦର୍ଶନ କରି ୯ମ ସ୍ଥାନରେ ରହିଥିଲେ। ସେଠାରେ ସେ ନିଜର ସର୍ବଶ୍ରେଷ୍ଠ ବ୍ୟକ୍ତିଗତ ରେକର୍ଡ କରି ମୋଟ ୨୯୯ କିଗ୍ରା (୧୩୦ କିଗ୍ରା ସ୍ନାଚ୍ + ୧୬୯ କିଗ୍ରା କ୍ଲିନ୍ ଆଣ୍ଡ ଜର୍କ) ଭାର ଉଠାଇଥିଲେ। ୨୦୧୯ ରାଜ୍ୟଗୋଷ୍ଠୀ ଚାମ୍ପିୟନସିପ୍ ସମୟରେ ତାଙ୍କ ଡାହାଣ କହୁଣିର ଲିଗାମେଣ୍ଟ୍ ଫାଟ ସୃଷ୍ଟି ହୋଇଥିଲା, ଯାହା ଫଳରେ ତାଙ୍କର ଅସ୍ତ୍ରପଚାର (ସର୍ଜରୀ) କରିବାକୁ ପଡ଼ିଥିଲା। ଏହି କାରଣରୁ ଏହି ଯୁବ ଆଥଲେଟ୍ ଦୀର୍ଘ ଦିନ ଧରି ଖେଳରୁ ଦୂରେଇ ରହିବା ପରେ ଶେଷରେ ୨୦୨୧ ଜାତୀୟ ଚାମ୍ପିୟନସିପ୍‌ରେ କମ୍‌ବ୍ୟାକ୍ କରିଥିଲେ। ସେ ୨୦୨୬ ମସିହାରେ ମୋଟ ୩୦୨ କିଗ୍ରା ଭାର ଉଠାଇ ସିନିୟର ଜାତୀୟ ଟାଇଟଲ୍ ଜିତିବାରେ ସଫଳ ହୋଇଥିଲେ।

ମହିଳା ୫୩ କେଜି ଭରୋତ୍ତୋଳନ ବର୍ଗରେ ଦେଶ ପାଇଁ ରୌପ୍ୟ ପଦକ ଜିତିଛନ୍ତି ଜ୍ଞାନେଶ୍ୱରୀ ଯାଦବ। ଛତିଶଗଡର ଏହି ୨୨ ବର୍ଷୀୟ ପ୍ରତିଭାବ ଜଣଙ୍କ ଶେଷ ପ୍ରାୟସରେ ସବୁ କିଛି ବାଜିରେ ଲଗାଇ ଦେଇଥିଲେ।ଏପରି କି ସେ ୧୧୧ କେଜି ଓଜନ ଉଠାଇ ରାଜ୍ୟଗୋଷ୍ଠୀ କ୍ରୀଡାରେ ରେକର୍ଡ ସୃଷ୍ଟି କରିଥିଲେ। ହେଲେ ତାଙ୍କୁ ଟକ୍କର ଦେଉଥିବା ନାଇଜେରିଆର ଓନୋମେ ଓମୋଲୋଲା ନିଧି କମାଲ କରିଥିଲେ। ସେ ନିଜର ଶେଷ ପ୍ରାୟସରେ ୧୧୩ କେଜି ଓଜନ ଉଠାଇ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଏଥିସହ ୫୩ କେଜି ମହିଳା ଭାରୋତ୍ତୋଳନରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସ୍ନାଚରେ ଜ୍ଞାନେଶ୍ୱରୀ ୮୮ କେଜି ଉଠାଇ ଥିଲେ। ହେଲେ ଦିଧି ୯୩ କେଜି ଉଠାଇ ରାଜେଶ୍ୱରୀକୁ ପଛରେ ପକାଇ ଦେଇଥିଲେ। କ୍ଲିନ ଆଣ୍ଡ ଜର୍କରେ ଉଭୟଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା। ପ୍ରଥମେ ଜ୍ଞାନେଶ୍ୱରୀ ୧୦୩ କେଜି ଓ ପରେ ଦିଧି ୧୦୫ କେଜି ଓଜନ ଉଠାଇଥିଲେ। ନିଜର ଦ୍ୱିତୀୟ ପ୍ରାୟସରେ ଜ୍ଞାନେଶ୍ୱରୀ ୧୦୭ କେଜି ଉଠାଇ ନୂଆ ରେକର୍ଡ କରିଥିଲେ।ହେଲେ ପରବର୍ତ୍ତୀ ପ୍ରାୟସରେ ଦିଧି ୧୧୦ କେଜି ଉଠାଇ ଏହାକୁ ଭାଙ୍ଗି ଦେଇଥିଲେ। ଶେଷ ପ୍ରୟାସରେ ଭାରତର ଜ୍ଞାନେଶ୍ୱରୀ ପୁଣି ୧୧୧ କେଜି ଉଠାଇ ନିଜ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ। ହେଲେ ଦିଧି ଏହାକୁ ମଧ୍ୟ ୧୧୩ କେଜି ଓଜନ ଉଠାଇ ଏହାକୁ ଅତିକ୍ରମ କରି ଯାଇଥିଲେ।ଜ୍ଞାନେଶ୍ୱରୀ ସ୍ନାଚ, କ୍ଲିନ ଆଣ୍ଡ ଜର୍କକୁ ମିଶାଇ ମୋଟ ୧୯୯ କେଜି ଉଠାଇଥିବା ବେଳେ ଦିଧି ୨୦୬ କେଜି ଉଠାଇ ରେକର୍ଡ ସୃଷ୍ଟି କରିଛନ୍ତି। ମୋଟ ୧୭୮ କେଜି ଓଜନ ଉଠାଇ କାନାଡାର ରେବେକା ଗୋରୁଲ୍ସ କାଂସ୍ୟ ପଦକ ପାଇଛନ୍ତି। ଜ୍ଞାନେଶ୍ୱରଙ୍କ ପଦକ ପରେ ଭାରତର ମେଡାଲ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଭାରତ ଏବେ ପଦକ ଜିତିଥିବା ଦେଶଗୁଡିକ ତାଲିକାର ୮ମ ସ୍ଥାନରେ ରହିଛି।

# ବୈଭବଙ୍କ ଫିଟନେସ୍‌ରେ ଉନ୍ନତି ଜରୁରୀ : ଲକ୍ଷ୍ମଣ





ହରାରେ୨୭।୭: ଜିମ୍ବାୱେ ଗସ୍ତରେ ଭାରତୀୟ ଦଳର ଉଲ୍ଲେଖନୀୟ ପ୍ରଦର୍ଶନ ପରେ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଶଂସା କରିଛନ୍ତି ପୂର୍ବତନ ବ୍ୟାଟର ତଥା ବିସିସିଆଇ ଉତ୍କର୍ଷ କେନ୍ଦ୍ର ମୁଖ୍ୟ ଭିଭିଏସ ଲକ୍ଷ୍ମଣ। ସେ କହିଛନ୍ତି ଯେ ଗତ ୬ ମାସରେ ବୈଭବଙ୍କ ପରିପକ୍ୱତା, ଅଭିଜ୍ଞତା ଓ କ୍ରିକେଟ୍ ସମ୍ପର୍କିତ ଜ୍ଞାନ ଦ୍ରୁତ ଗତିରେ ବୃଦ୍ଧି ପାଇଛି।

ଇଂଲଣ୍ଡ ଗସ୍ତରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ବୈଭବ ଭଲ ପ୍ରଦର୍ଶନ କରିପାରି ନଥିଲେ। କିନ୍ତୁ ଜିମ୍ବାୱେ ବିପକ୍ଷ ଶୃଙ୍ଖଳାରେ ସେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ସହ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ଓ ଶେଷ ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଏହି ଶୃଙ୍ଖଳାରେ ସେ ଦୁଇ ଅର୍ଦ୍ଧଶତକ ସହ ମୋଟ ୧୫୧ ରନ୍ କରିଥିଲେ। ଜିମ୍ବାୱେ ଗସ୍ତରେ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ଥିବା ଲକ୍ଷ୍ମଣ କହିଛନ୍ତି, “ଜଣେ ଖେଳାଳିଭାବେ ସେ ଯେପରି ପରିପକ୍ୱ ହେଉଛନ୍ତି ତାହା ପ୍ରଶଂସନୀୟ। ଗତ ୬ ମାସରେ ତାଙ୍କର ଅଭିଜ୍ଞତା ଓ ଖେଳ ସମ୍ପର୍କୀୟ ସଚେତନତା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଏଣୁ ସେ କଠିନ ପରିସ୍ଥିତିର ସାମନା କରିପାରୁଛନ୍ତି। ସେ ୧୯ ବର୍ଷରୁ କମ ବିଶ୍ୱକପରେ ଭଲ ପ୍ରଦର୍ଶନ ପରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଆଇପିଏଲ୍‌ରେ ଆଧିପତ୍ୟ ବିସ୍ତାର କରିଥିଲେ। ବିଶ୍ୱର ପ୍ରମୁଖ ବୋଲରମାନଙ୍କୁ ସମ୍ମୁଖୀନ ହେବା ସହ ସେ ଯେପରି ଜଣେ ଖେଳାଳିଭାବେ ବିକଶିତ ହୋଇଛନ୍ତି ତାହା ତାଙ୍କର ଦକ୍ଷତା ଓ ପ୍ରତିଭାକୁ ଦର୍ଶାଏ।” ତେବେ ବୈଭବଙ୍କ ଗୋଟିଏ ଦୁର୍ବଳତା ପ୍ରତି ଇଙ୍ଗିତ କରିବାକୁ ଭୁଲି ନାହାନ୍ତି ଲକ୍ଷ୍ମଣ। ସେ କହିଛନ୍ତି ଯେ ଗୋଟିଏ କ୍ଷେତ୍ରରେ ସେ ଉନ୍ନତି ଆଣିବାର ଆବଶ୍ୟକତା ରହିଛି, ତାହା ହେଉଛି ଫିଟ୍‌ନେସ୍।

## ସିବିଏସ୍‌ଇ କ୍ଲଷ୍ଟର କବାଡ଼ି ଚାମ୍ପିଅନ୍‌ସିପ୍‌ରେ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲକୁ ତୃତୀୟ ସ୍ଥାନ

ଭୁବନେଶ୍ୱର୨୭।୭: : ଛତିଶଗଡ଼ଠାରେ ଆୟୋଜିତ ସମ୍ମାନଜନକ ସିବିଏସ୍‌ଇ କ୍ଲଷ୍ଟର କବାଡ଼ି ଚାମ୍ପିଅନ୍‌ସିପ୍‌ରେ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ଦ୍ୱିତୀୟ ରନର୍ସ-ଅପ୍ (ତୃତୀୟ ସ୍ଥାନ) ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଓ ସମ୍ମାନ ଆଣିଛି।ସମଗ୍ର ପ୍ରତିଯୋଗିତାରେ ବୈଦିକ ଦଳର ଖେଳାଳିମାନେ ଅସାଧାରଣ ଶୃଙ୍ଖଳା, ଦୃଢ଼ ମନୋବଳ, ଦଳୀୟ ସମନ୍ୱୟ ଓ ଉତ୍କୃଷ୍ଟ କ୍ରୀଡ଼ାଭାବ ପ୍ରଦର୍ଶନ କରିଥିଲେ। ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ୍‌ରେ ଦଳ ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ୨୬–୨୧ ସ୍କୋରରେ ଅଳ୍ପ ବ୍ୟବଧାନରେ ବିଜୟରୁ ବଞ୍ଚିତ ହୋଇଥିଲା।ବୈଦିକ ଗ୍ରୁପର ଅଧ୍ୟକ୍ଷ ଶ୍ରୀ ଆନନ୍ଦ ଅଗ୍ରୱାଲ, ବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା, ଉପାଧ୍ୟକ୍ଷ/ଉପାଧ୍ୟକ୍ଷା ଏବଂ ସମସ୍ତ କର୍ମଚାରୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ପ୍ରଶିକ୍ଷକ ଓ ମାର୍ଗଦର୍ଶକମାନଙ୍କ ନିଷ୍ଠାପୂର୍ଣ୍ଣ ଉଦ୍ୟମକୁ ପ୍ରଶଂସା କରିଛନ୍ତି।

# ପାକିସ୍ତାନୀ ବକ୍ସରଙ୍କୁ ମାତ ଦେଲେ ଯଦୁମଣି



ଗ୍ଲାସଗୋ, ୨୭।୭: ରାଜ୍ୟ ଗୋଷ୍ଠୀ କ୍ରୀଡା ୨୦୨୬ରେ ଭାରତୀୟ ବକ୍ସର ଯଦୁମଣି ସିଂହଙ୍କ ଦବଦବା। ସେ ପାକିସ୍ତାନର ସୁମାମା ରେହମନଙ୍କୁ ଏକତରଫା ଭାବେ ମାତ ଦେଇଛନ୍ତି। ରବିବାର ବିଳମ୍ବିତ ରାତିରେ ଖେଳା ଯାଇଥିବା ଗୋଟିଏ ମ୍ୟାଚ୍‌ରେ ଯଦୁମଣି ୫–୦ରେ ପାକିସ୍ତାନ ବକ୍ସର ରେହମନଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପାକିସ୍ତାନ ବକ୍ସରଙ୍କୁ ରାଜ୍ୟ ଗୋଷ୍ଠୀ କ୍ରୀଡାରେ ହରାଇବା ପରେ ଯଦୁମତି ନିଜ ବିଜୟକୁ କାର୍ଗିଲ ଯୁଦ୍ଧର ହିରୋମାନଙ୍କୁ ଉତ୍ସର୍ଗ କରିଛନ୍ତି।

ଭାରତ ମାତା କି ଜୟ ଓ ଭାରତ, ଭାରତ ନାରା ମଧ୍ୟରେ ଗ୍ଲାସଗୋର ଏସ୍‌ଇସି ସେଣ୍ଟରର ରିଙ୍ଗକୁ ପ୍ରବେଶ କରିଥିଲେ ଆର୍ମି ବକ୍ସର ଯଦୁମଣି। ଏହାପରେ ସେ ପାକିସ୍ତାନ ବିପକ୍ଷରେ ଦେଖାଇଥିଲେ ନିଜ ଯାଦୁ। ତାଙ୍କ ଆଟାକର ଜବାବ ରେହମନଙ୍କ ପାଖରେ ନଥିଲା। ଶେଷରେ ଯଦୁମଣିଙ୍କ ମାଡରେ ସେ ଚିତ ହୋଇଥିଲେ। ଏହି ବିଜୟ ସହ ଯଦୁମଣି କ୍ୱାର୍ଟର ଫାଇନାଲରେ ନିଜ ସ୍ଥାନ ପକ୍କା କରିଛନ୍ତି।

ଲଢେଇ ଆରମ୍ଭ ହେବା ପୂର୍ବରୁ ହିଁ ଯଦୁମଣିଙ୍କ ପଛରେ ଥିଲା ଦର୍ଶକଙ୍କ ସମର୍ଥନ। ମୁକାବିଲା ଆରମ୍ଭ ହେବା ପରେ ସେ ମଧ୍ୟ ନିଜର ବକ୍ସିଂ ଜରିଆରେ ସମସ୍ତଙ୍କୁ ସନ୍ତୁଷ୍ଟ କରିଛନ୍ତି। ପ୍ରଥମ ରାଉଣ୍ଡରେ ଭାରତୀୟ ବକ୍ସର ସତର୍କ ରହି ପାକିସ୍ତାନୀ ପ୍ରତିଦ୍ୱନ୍ଦ୍ୱୀ ରେହମନଙ୍କ ଖେଳର ଲୟ ବୁଝିବାକୁ ଚେଷ୍ଟା କରିଥିଲେ। ପ୍ରତିଦ୍ୱନ୍ଦ୍ୱୀଙ୍କ ଶୈଳୀ ବୁଝିବା ପରେ ଯଦୁମଣି ନିଜର ହୁକ୍ ଓ ସିଧା ପଞ୍ଚରେ ତାଙ୍କୁ ଘାଇଲା କରି ଦେଇଥିଲେ। ତାଙ୍କ ଗତିକୁ ରେହମନ ବୁଝି ପାରି ନଥିଲେ।

# ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଲେ ବିରୁଷ୍କା

ମୁମ୍ବାଇ, ୨୭।୭:ଭାରତୀୟ କ୍ରିକେଟ କିମ୍ବଦନ୍ତୀ ବିରାଟ କୋହଲି ଏବଂ ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ପୁଣି ଥରେ ଚର୍ଚ୍ଚାରେ ଅଛନ୍ତି। ଏହି ଦମ୍ପତି ମୁମ୍ବାଇର ଭର୍ସଭା ଅଞ୍ଚଳରେ ୧୯.୨୯ କୋଟିରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଛନ୍ତି।



ଆପାର୍ଟମେଣ୍ଟଟି ଅନ୍ଧାରୀ ୱେଷ୍ଟର ଏକ ପ୍ରିମିୟମ ପ୍ରୋଜେକ୍ଟ ‘ଗୋଦରେଜ ସ୍କାଏଶୋର୍’ର ଉପର ମହଲାରେ ଅବସ୍ଥିତ। ଏହି ଷ୍ଟାର ଦମ୍ପତି ତାଙ୍କର ଦୁଇ ପିଲାଙ୍କୁ ଲାଇମଲାଇଟଠାରୁ ଦୂରରେ ରଖିବା ପାଇଁ କିଛି ଦିନ ହେବ ଲଣ୍ଡନରେ ରହୁଛନ୍ତି। ଏହି ଆପାର୍ଟମେଣ୍ଟ କିଣିବା ପରେ ସେମାନେ ଖୁବ୍‌ଶୀଘ୍ର ଭାରତ ଫେରିଆସିବେ ବୋଲି ଚର୍ଚ୍ଚା ହେଉଛି।୨,୬୪୪ ବର୍ଗଫୁଟର ଏହି ଆପାର୍ଟମେଣ୍ଟରେ ତିନୋଟି କାର୍ ପାର୍କିଂ ସ୍ଥାନ ରହିଛି। ସମ୍ପତ୍ତିର ସରକାରୀ ପଞ୍ଜୀକରଣ ୨୧ ଜୁଲାଇ, ୨୦୨୬ରେ ହୋଇଥିଲା। ଏହି ଦମ୍ପତି ମଧ୍ୟପୂର୍ବରୁ ୱର୍ଲି ଅଞ୍ଚଳରେ ଏକ ଆପାର୍ଟମେଣ୍ଟର ମାଲିକ। ଇଂଲଣ୍ଡ ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଏକଦିବସୀୟ ସିରିଜରେ ବିରାଟ କୋହଲିଙ୍କୁ ସମ୍ପ୍ରତି ଆକ୍ସନରେ ଦେଖିବାକୁ ମିଳିଥିଲା। ସେହି ସିରିଜରେ ସେ ୪୮.୦୦ ହାରରେ ଏବଂ ୧୦୯.୦୯ ଷ୍ଟ୍ରାଇକ ରେଟ ସହିତ ମୋଟ ୧୪୪ ରନ କରିଥିଲେ। ସେ ଏବେ ୱେଷ୍ଟଇଣ୍ଡିଜର ଭାରତ ଗସ୍ତ ସମୟରେ ପଡ଼ିଆକୁ ଫେରିବେ ବୋଲି ଆଶା କରାଯାଉଛି।

## ଜାତୀୟ ସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କଲେ ଦିଗପହଣ୍ଡି ପୁଅ

ଦିଗପହଣ୍ଡି, ୨୭।୭: ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବାସୁଦେବପୁର ଗ୍ରାମର ଯୋଗେନ୍ଦ୍ର ସେଠୀ ଜାତୀୟ ସ୍ତରୀୟ ସନ୍ତରଣ ଚାମ୍ପିୟନସିପରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆଣ୍ଡାମାନ ନିକୋବର ରାଜ୍ୟ ସନ୍ତରଣ ସଂଘ ଓ ଆଣ୍ଡମାନ ନିକୋବର ରାଜ୍ୟ ଅଲିମ୍ପିକ ସଂଘର ମିଳିତ ତତ୍ତ୍ୱାବଧାନରେ ଗତ ୨୫ ଓ ୨୬ ତାରିଖ ଦୁଇଦିନ ବ୍ୟାପୀ ଓପନ୍ ଷ୍ଟେଟ ସନ୍ତରଣ ଚାମ୍ପିୟନସିପ୍ ଓ ଜାତୀୟ ଚୟନ ଟ୍ରାଏଲ ଅନୁଷ୍ଠିତ ହୋଇଥିଲା ସେଥିରୁ ଯୋଗେନ୍ଦ୍ର ଅଂଶଗ୍ରହଣ କରି ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଯୋଗେନ୍ଦ୍ରଙ୍କ ଏଇ ସଫଳତା ପାଇଁ ସମଗ୍ର ରାଜ୍ୟ ଓ ଗଞ୍ଜାମ ଜିଲା ଗର୍ବିତ ବୋଲି ଗ୍ରାମବାସୀ କହିଛନ୍ତି। ଯୋଗେନ୍ଦ୍ରଙ୍କ ଏହି ସଫଳତା ପ୍ରଚାରିତ ହେବା ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ତାଙ୍କର ଏହି ସଫଳତା ପଛରେ ମାତା ପିତା ଓ ଗ୍ରାମର ବୟୋଜ୍ୟେଷ୍ଠମାନଙ୍କ ଆଶୀର୍ବାଦ ଥିବା ଯୋଗେନ୍ଦ୍ର ତାଙ୍କ ପ୍ରତିକ୍ରିୟାରେ ଜଣାଇଛନ୍ତି।

# ସ୍ୱର୍ଣ୍ଣ-ରୌପ୍ୟ ସହ ବାଳକ ଓ ବାଳିକାଙ୍କୁ ବିଶ୍ୱ ଯୋଗ୍ୟତା

ମସ୍କାଟ୍ (ଓମାନ୍) ୨୭।୭: ଏସୀୟ ଯୁବ ୫ଏସ୍ ହକି ପ୍ରତିଯୋଗିତା ଶନିବାର ଶେଷ ହୋଇଯାଇଛି। ଭାରତର ଉଭୟ ବାଳକ ଓ ବାଳିକା ଦଳ ଯଥାକ୍ରମେ ସ୍ୱର୍ଣ୍ଣ ଓ ରେପ୍ୟ ପଦକ ହାସଲ କରିଛି। ଏଥି ସହିତ ପ୍ରଥମ ସଂସ୍କରଣ ଏଫ୍‌ଆଇଏଚ୍ ଯୁବ ୫ଏସ (ଫାଇଭ୍ ଏ ସାଇଡ୍) ବିଶ୍ୱ ହକି ପ୍ରତିଯୋଗିତା ଲାଗି ଉଭୟ ଭାରତୀୟ ଦଳ ଯୋଗ୍ୟତା ଅର୍ଜନ କରି ନେଇଛନ୍ତି। ଏହି ସଫଳତା ପାଇଁ ସ୍ୱର୍ଣ୍ଣ ବିଜୟୀ ଦଳର ସମସ୍ତ ସଦସ୍ୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ରେପ୍ୟ ପଦକ ବିଜେତାଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ହକି ଇଣ୍ଡିଆ ଘୋଷଣା କରିଛି।

ବାଳକ ଦଳ ଫାଇନାଲ୍‌ରେ ପାକିସ୍ତାନକୁ ୩–୧ ଗୋଲ୍‌ରେ ପରାସ୍ତ କରିଥିଲା। ଦଳ ପାଇଁ ରୋହିତ ପାଲ୍ (୫ ମିନିଟ୍), କେତନ କୁଶୱା (୧୨ ମିନିଟ୍) ଓ ଶାହରୁଖ ଅଲୀ (୧୩ ମିନିଟ୍) ଗୋଲ୍ ଦେଇଥିଲେ। ଗ୍ରୁପ ପର୍ଯ୍ୟାୟରେ ମଧ୍ୟ ଭାରତ ଏକତରଫା ଭାବେ ୭–୩ରେ ପାକିସ୍ତାନକୁ ପରାସ୍ତ କରି ଶୀର୍ଷ ସ୍ଥାନରେ ରହି ଫାଇନାଲ୍ ଆସିଥିଲା। ଫାଇନାଲ୍ ପ୍ରବେଶ କରିଥିବାରୁ ପାକିସ୍ତାନ ଦଳ ମଧ୍ୟ ବିଶ୍ୱ ଯୋଗ୍ୟତା ଅର୍ଜନ କରିଛି। ବାଳିକା ବର୍ଗରେ ମଧ୍ୟ ଭାରତ ବିଶ୍ୱ ଯୋଗ୍ୟତା ଅର୍ଜନ କରିଛି। ଚୀନ ବିପକ୍ଷ ଫାଇନାଲ୍‌ରେ ଭାରତ ୨–୪ରେ ହାରିଯାଇଥିଲା। ପୂର୍ବରୁ ସେମିଫାଇନାଲ୍‌ରେ ଭାରତ ୮–୧ ଗୋଲ୍‌ରେ କାଜାଖସ୍ତାନକୁ ପରାସ୍ତ କରିଥିଲା।

# ‘ଅଭିଶପ୍ତ’ ମନେକରୁଥିବା ଟାଇଟଲ୍ ହାତେଇଲେ ଅନାହତ

ଓନ୍‌ଟାରିଓ୨୭।୭: କାନାଡାରେ ଅନୁଷ୍ଠିତ କନିଷ୍ଠ ବିଶ୍ୱ ସ୍କ୍ୱାସ୍ ଚାମ୍ପିଅନ୍‌ସିପ୍ ଅନାହତ ସିଂଙ୍କ ପାଇଁ ପଞ୍ଚମ ଏବଂ ଶେଷ ସୁଯୋଗ ଥିଲା। କାରଣ ଏହା ପରେ ସେ ଆଉ କନିଷ୍ଠ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିପାରି ନଥାନ୍ତେ।



ସେ ପୂର୍ବରୁ ଚାରୋଟି କ୍ୱାଟରଫାଇନାଲ୍ ଖେଳିସାରିଥିଲେ, ଗୋଟିଏ କାଂସ୍ୟ ପଦକ ଜିତିଥିଲେ, କିନ୍ତୁ ସବୁଥର ଟାଇଟଲ ଜିତିବାରେ ବିଫଳ ହେଉଥିଲେ। ଏଣୁ ସେ ଏହି ପ୍ରତିଯୋଗିତାକୁ ତାଙ୍କ ପାଇଁ ‘ଅଭିଶପ୍ତ’ ବୋଲି ଭାବୁଥିଲେ। କିନ୍ତୁ ଏଥରେ ସେ ପୂର୍ବର ସବୁ ନୈରାଶ୍ୟକୁ ପଛରେ ପକାଇ ଟାଇଟଲ୍ ହାତେଇଛନ୍ତି। ଏହା ସହିତ ଏହି ସଫଳତା ପାଇବାରେ ସେ ପ୍ରଥମ ଭାରତୀୟ ଖେଳାଳି ହୋଇ ଇତିହାସ ରଚିଛନ୍ତି।ଏହା ପଛରେ ଥିଲା ତାଙ୍କର କଠିନ ପରିଶ୍ରମ ଓ ପ୍ରଶିକ୍ଷକ ତଥା ସ୍କ୍ୱାସ୍ ଜଗତର ଜଣାଶୁଣା ଖେଳାଳି ଗ୍ରେଗୋରୀ ଗୌଲଟିୟରଙ୍କ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ। ନିଜେ ଗୌଲଟିୟର ବରିଷ୍ଠ ବିଶ୍ୱ ସ୍କ୍ୱାସ୍ ଚାମ୍ପିଅନ୍‌ସିପ୍‌ରେ ଚାରୋଟି ଫାଇନାଲ୍ ହାରିବା ପରେ ପଞ୍ଚମରେ ବିଜୟୀ ହୋଇଥିଲେ। ଏଣୁ ପୂର୍ବର ଭୁଲ ସୁଧାରି କିପରି ସଫଳତା ପାଇହେବ ତାହା ସେ ଅନାହତଙ୍କୁ ଶିଖାଇଥିଲେ।

ଶନିବାର ଦିନ ଓଣ୍ଟାରିଓରେ, ଶେଷରେ ଏହି କିଶୋର ପ୍ରତିଭା ନିଜର ସମସ୍ତ ପୂର୍ବର ଭୁଲକୁ ସୁଧାରି ନେଇଥିଲେ ଏବଂ କ୍ୱାଟରଫାଇନାଲ, ସେମିଫାଇନାଲ ଓ ଫାଇନାଲରେ ସ୍କ୍ୱାସ୍ ଖେଳର ଶକ୍ତିଶାଳୀ ଦେଶ ଇଜିପ୍ଟର ତିନିଜଣ ଖେଳାଳିଙ୍କୁ ପରାସ୍ତ କରି ଲଗାତାର ୧୩ଟି ଟାଇଟଲ୍ ଜିତିବା ଲାଗି ସେମାନେ ଚଳାଇଥିବା ଅଭିଯାନରେ ବିରାମ ଲଗାଇଥିଲେ। ଫାଇନାଲରେ ସେ ଇଜିପ୍ଟର ରୁକାୟା ସାଲେମଙ୍କୁ ୧୧–୩, ୧୧–୭, ୧୧–୯ ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ